## ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ
ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଣ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ
NISHKARSHA MEDIA ENTERTAINMENT & PUBLICATION
ମୋବାଇଲ ନମ୍ବର:9937619039/ 8895134289
nishkarsha.editor@gmail.com



# ନିଷ୍କର୍ଷ
# NISHKARSHA

ସାପ୍ତାହିକ ଖବର କାଗଜ * weekly News Paper

RNI REGD. No. : ODIODI/2020/78909



Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Chhanle. Nishkarsha Media
www.nishkarsha.com
www.nishkarsha.in



♦ VOLUME - 02 ♦ ISSUE- 07 ♦ CUTTACK ♦ 15 TO 21 - FEBRUARY, 2021 ♦ 8 PAGE ♦ RATE- 5/- ■ ବର୍ଷ - ୦୨ ♦ ସଂଖ୍ୟା -୦୭ ♦ କଟକ ♦ ୧୫ ରୁ ୨୧- ଫେବୃଆରୀ, ୨୦୨୧ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ଦେଶଦ୍ରୋହୀ ଈଶ୍ୱର



**ନାମ ଈଶ୍ୱର । କାମ କିନ୍ତୁ ଅସୁର । ସିଏ ଏଭଳି ଜଣେ ଯୁବକ ଯିଏ ଦେଶ ମାତୃକାକୁ ବନ୍ଧା ପକାଇଦେବା ଭଳି ପାପ କରିଛି । ପାପ ନୁହେଁ ମହାପାପ । ଦେଶଦ୍ରୋହ କାର୍ଯ୍ୟକଳାପରେ ଆମ ଶତ୍ରୁଦେଶର ସଂଖ୍ୟାଧିକ ଜାତି ବା ଧର୍ମର ଲୋକେ ଲିପ୍ତ ରୁହନ୍ତି । ମାତ୍ର ଯେ ଏଭଳି ଜଣେ ଦେଶଦ୍ରୋହୀ ଯିଏ ଶତ୍ରୁଦେଶର ସଂଖ୍ୟାଲଘୁ ଧର୍ମର । ପୁଣି ଆମ ଦେଶର ପ୍ରତିରକ୍ଷା ବିଭାଗରେ କାର୍ଯ୍ୟକରୁଥିଲା ସେ । ସୁତରାଂ ଦେଶଦ୍ରୋହୀର କୌଣସି ଜାତି ନାହିଁ କିମ୍ବା ଧର୍ମ ନାହିଁ । ତା'ର କାମ ଶାନ୍ତିକୁ ଧ୍ୱଂସ କରିବା । ମାନବ ଜାତିକୁ ନଷ୍ଟ କରିବା । ତେବେ ଆମ ରାଜ୍ୟରେ କିଏ ଏଭଳି ନରାଧମ ଭଳି କାର୍ଯ୍ୟ କରିବ ତାହା ବିଶ୍ୱାସ କରିହେଉନଥିଲା । ମାତ୍ର ସାଢେ ଚାରିକୋଟି ଓଡ଼ିଆଙ୍କୁ ବ୍ୟଥିତ କଲାଭଳି ସେ କାର୍ଯ୍ୟକରିଛି । ଈଶ୍ୱର ବେହେରା ଯେଭଳି ଦେଶ ପ୍ରତି କୃତଘ୍ନତା କରିଛି ତାକୁ ଯେତେ ଦଣ୍ଡ ଦେଲେ ବି କମ୍ ହୋଇଯିବ ବୋଲି ଅଦାଳତ କହିଛନ୍ତି ।**

**ବାଲେଶ୍ୱର/ ଭୁବନେଶ୍ୱର (ଏନ୍.ଏମ୍.):** ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ଦସ୍ତାବିଜ ଯୋଗାଣ ମାମଲାରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗର ଠିକା ଫଟୋଗ୍ରାଫର ଈଶ୍ୱର ବେହେରାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି । ଏହାବ୍ୟତୀତ ୨୦ ହଜାର ଟଙ୍କା ଅର୍ଥ ଦଣ୍ଡ ଓ ଅର୍ଥ ଅନାଦେୟ ଅଧିକ ୨ ବର୍ଷ ଜେଲ୍ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି ।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା କଣ୍ଟିପୁର ଅଞ୍ଚଳର ଈଶ୍ୱର ବେହେରା ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ସ୍ଥିତ ଆଇଟିଆରର ଜଣେ ଠିକା ଫଟୋଗ୍ରାଫର ଭାବେ କାର୍ଯ୍ୟ କରୁଥିଲା । ସେଠାରେ ସେ କାମ କରୁଥିବା ସମୟରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ସଂସ୍ପର୍ଶରେ ଆସିଥିଲା । ଏପରିକି ପାକିସ୍ତାନକୁ ପ୍ରତିରକ୍ଷା ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏବଂ ଦସ୍ତାବିଜ ପ୍ରଦାନ କରି ପ୍ରତିବଦଳରେ ଟଙ୍କା ପାଉଥିଲା । ଈଶ୍ୱର ସେଠାରେ କାମ କରୁଥିବା ବେଳେ ମିରଟର ଜଣେ ଲୋକଙ୍କ ସହ ଫୋନରେ କଥାବାର୍ତ୍ତା ହେଉଥିଲା । ଫୋନ କଲ ଟ୍ରାକିଂ ଅନୁସାରେ ଈଶ୍ୱର ଦେଶର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଆଇଏସ୍ଆଇକୁ ପ୍ରଦାନ କରୁଥିବା ଅଭିଯୋଗରେ ଚାନ୍ଦିପୁର ପୁଲିସ ତାକୁ ଗିରଫ କରିଥିଲା । ଈଶ୍ୱର ନାମରେ ଅପରାଧିକ ଷଡଯନ୍ତ୍ର, ଦେଶଦ୍ରୋହ, ଗୁପ୍ତତଥ୍ୟ ପ୍ରଦାନ ଆଦି ଅଭିଯୋଗ ହୋଇଥିଲା । ଜଜ୍ ଶୁଣାଣି କରି କହିଥିଲେ ଯେ, ଈଶ୍ୱର ୯ ଅଙ୍କ ବିଶିଷ୍ଟ ଏକ କଲ୍‌ରେ ଆଇଏସ୍ଆଇ ଏଜେଣ୍ଟଙ୍କ ସହ କଥାବାର୍ତ୍ତା ହୋଇଥିଲା । କଥା ହୋଇସାରିବା ପରେ ସେ ନମ୍ବର ଗୁଡିକୁ ଡିଲିଟ୍ କରିଦେଉଥିଲା । ପ୍ରଥମେ ଉକ୍ତ କଲ୍‌ଟି ସଠିକ ଭାବେ ଜଣାପଡ଼ିନଥିବା ବେଳେ ପରେ ଫରେନସିକ ଯାଞ୍ଚରୁ ୯ ଡିଜିଟ ନମ୍ବର ପୂର୍ବରୁ +୯୧ ନମ୍ବର ଥିବା ଜଣାପଡ଼ିଥିଲା । ବିଶେଷ କରି ଈଶ୍ୱର ଆଇଏସ୍ଆଇ ଏଜେଣ୍ଟଙ୍କ ସହ ୬୬୬ ସେକେଣ୍ଡର କଥାବାର୍ତ୍ତାହୋଇଥିବା ଅଡିଓ ରହିଛି । ସେଥିରେ ଈଶ୍ୱର ଆଇଏସ୍ଆଇ ଏଜେଣ୍ଟଙ୍କୁ ତାଙ୍କର ଦେହ ଖରାପ, ତାଙ୍କ ମା'ଙ୍କ ଅପରେସନ ହେବ, ନୂଆ ଟିଭି କିଣିବା ପାଇଁ ବିଭିନ୍ନ ବାହାନା ନେଇ ଟଙ୍କା ମାଗିଥିବା ସ୍ପଷ୍ଟ ପ୍ରମାଣ ରହିଛି । ଏହାଛଡା ସେ କିସ୍ତି ଅନୁସାରେ ୫୦ହଜାର ଟଙ୍କା ଅନଲାଇନ ମାଧ୍ୟମରେ ଆବୁଧାବି, ମିରଟ, ମୁମ୍ବାଇ, ଆନ୍ଧ୍ର ପ୍ରଦେଶ ଆଦିରୁ ଆସିଛି ବୋଲି କୁହାଯାଇଛି । ଏହି ଅଡିଓରୁ ସ୍ପଷ୍ଟ ଜଣାପଡୁଛି ଯେ, ଆଇଟିଆର ମିସାଇଲ ପରୀକ୍ଷା ପୂର୍ବରୁ ଈଶ୍ୱର ଉକ୍ତ ଏଜେଣ୍ଟଙ୍କୁ ପରୀକ୍ଷାର ସମସ୍ତ ତଥ୍ୟ ଓ ସମୟ କହୁଥିଲେ । ମିଜାଇଲ ପରୀକ୍ଷଣ ପରେ ବାହାର ଦେଶ ଓ ଶତ୍ରୁପକ୍ଷ ଜାଣିବା ପାଇଁ ବିଭିନ୍ନ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ମାଧ୍ୟମରେ ପରୀକ୍ଷାର ସୂଚନା ପ୍ରଦାନ କରାଯାଇଥାଏ । ଯାହା ଫଳରେ ଦେଶର ସଫଳତା ଅନ୍ୟମାନେ ଜାଣିପାରିବେ । କିନ୍ତୁ ପରୀକ୍ଷା ପୂର୍ବରୁ କାହାକୁ ତଥ୍ୟ ଦେବା ଏକ ଅପରାଧ ଏବଂ ଏହା ଦେଶର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►


## କୋଟିଆ ବିବାଦ

# ସୁପ୍ରିମ୍‌କୋର୍ଟରେ ଅଦାଲତ ଅବମାନନା ମାମଲା

**କଟକ(ଏନ୍.ଏମ୍.):** କୋଟିଆ ସୀମା ବିବାଦ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସଚିବ ଅମ୍ବୁଜ ମୋହନ ଦାସଙ୍କ ତରଫରୁ ସୁପ୍ରିମ୍‌କୋର୍ଟରେ ଆଇନଜୀବୀ ଶିବୋ ଶଙ୍କର ମିଶ୍ରଙ୍କ ଜରିଆରେ ଏହି ଆବେଦନ କରାଯାଇଛି । ଏଥିରେ କୁହାଯାଇଛି ଯେ ଆନ୍ଧ୍ର ସରକାର ଉକ୍ତ ପ୍ରସଙ୍ଗରେ ସର୍ବୋଚ୍ଚ ଅଦାଲତ ଗତ ୧୯୮୬ ମସିହା ଫେବୃୟାରୀ ୧୨ ତାରିଖରେ ପ୍ରଦାନ କରିଥିବା ନିର୍ଦ୍ଦେଶ ଏବଂ ୨୦୦୬ ମାର୍ଚ୍ଚ ୩୦ ତାରିଖରେ ମସିହାରେ ପ୍ରଦାନ କରିଥିବା ରାୟର ଉଲଂଘନ କରିଛନ୍ତି । ୧୯୮୬ ମସିହାରେ ଓଡିଶା ସରକାରଙ୍କ ପକ୍ଷରୁ ଆନ୍ଧ୍ର ସରକାରଙ୍କ ବିରୋଧରେ ସୀମା ବିବାଦକୁ ନେଇ ଅରିଜିନାଲ୍ ସୁଟ୍ ଦାଖଲ କରାଯାଇଥିଲା । ଏଥିରେ ଉଭୟ ଓଡିଶା ଓ ଆନ୍ଧ୍ରର ସୀମାକୁ ଚିହ୍ନଟ କରାଯାଇଥିଲା । ପଟାଙ୍ଗୀ ବ୍ଲକ୍‌ର ୨୧ଟି କୋଟିଆ ଗ୍ରାମ ଅଞ୍ଚଳରେ ଆନ୍ଧ୍ର ସରକାର ବିବାଦ ସୃଷ୍ଟି କରୁଛନ୍ତି । ଏହି ଗ୍ରାମ ଓଡିଶା ସରକାରଙ୍କ ଅଧିନରେ ଆସୁଥିବାବେଳେ ଆନ୍ଧ୍ର ପ୍ରଦେଶ ସରକାର ଏଠାରେ ଅଯଥା ସୀମାକୁ ନେଇ ବିବାଦ ସୃଷ୍ଟି କରୁଛନ୍ତି । ସର୍ବୋଚ୍ଚ ଅଦାଲତ ଏ ସମ୍ପର୍କରେ ରୁଜୁ ମାମଲାରେ ସୁଟ୍‌ର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଆନ୍ଧ୍ର ସରକାର ଏ ସମ୍ପର୍କରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶକୁ ଉଲଂଘନ କରିଛନ୍ତି । ୨୧ଟି କୋଟିଆ ଗ୍ରାମର ଲୋକଙ୍କୁ ଆନ୍ଧ୍ର ସରକାର ବିଭିନ୍ନ ପ୍ରକାରର ସହାୟତା ଦେଉଛନ୍ତି । ବିଶେଷ କରି ମନରେଗା ପ୍ରକଳ୍ପରେ ଲୋକଙ୍କୁ କାମ ଦେବା, ପିଡିଏସ୍ ସାମଗ୍ରୀ ପ୍ରଦାନ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି । ଏପରିସ୍ଥିତିରେ ସର୍ବୋଚ୍ଚ ଅଦାଲତ ଆନ୍ଧ୍ର ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ରୁଜୁ କରିବାକୁ ପ୍ରାର୍ଥନା କରାଯାଇଛି । ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ହିଞ୍ଜିଳି ପୌରାଞ୍ଚଳରେ ୨୮କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ




**ହିଞ୍ଜିଳି (ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍ସିଂ ଯୋଗେ ହିଞ୍ଜିଳି ପୌର ପରିଷଦ ଅଞ୍ଚଳରେ ୨୮କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପିଲାମାନେ ହେଉଛନ୍ତି ଏ ଜାତିର, ଏ ଦେଶର ଭବିଷ୍ୟତ । ଶିକ୍ଷା ହେଉଛି ପରିବର୍ତ୍ତନର ଚାବିକାଠି । ଶିକ୍ଷା ହେଉଛି ପ୍ରକୃତ ସଶକ୍ତିକରଣ । ତେଣୁ ହିଞ୍ଜିଳିରେ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱ ଦେଇଆସିଛନ୍ତି ବୋଲି ପ୍ରକାଶ କରି ହିଞ୍ଜିଳିକୁ ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଅଞ୍ଚଳ ଭାବେ ବିକଶିତ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ, କୋଭିଡ ମହାମାରୀ ଯୋଗୁ ସେ ବହୁତ ଦିନ ହେଲା ହିଞ୍ଜିଳି ଯାଇପାରି ନାହାନ୍ତି । ଏବେ ପରିସ୍ଥିତିରେ ଉନ୍ନତି ଆସିଥିବାରୁ ସେ ଖୁବ ଶୀଘ୍ର ହିଞ୍ଜିଳି ଗସ୍ତ କରି ଜନସାଧାରଣଙ୍କୁ ଭେଟିବେ । କୋଭିଡ ଯୁଦ୍ଧରେ ଗଞ୍ଜାମବାସୀଙ୍କ ଭୂମିକାକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'କରୋନା ମହାମାରୀ ସହ ଆପଣମାନେ ଯେପରି ଲଢିଲେ, ଗଞ୍ଜାମ ଯେପରି ଲଢିଲା, ତାହା ସାରା ବିଶ୍ୱ ଦେଖିଛି । ଆପଣମାନଙ୍କ ସହଯୋଗରେ ଆଜି କରୋନାକୁ ନିୟନ୍ତ୍ରଣ କରିବାରେ ଆମେ ସଫଳ ହୋଇଛୁ । ଏ ଦିଗରେ ଗଞ୍ଜାମର ସଫଳତା ସାରା ବିଶ୍ୱର ପ୍ରଶଂସା ପାଇଥିଲା । ସେଥିପାଇଁ ମୁଁ ଆପଣମାନଙ୍କୁ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ପୁରୀ : ବିବାଦୀୟ ନୀୟମାବଳୀ ପ୍ରତ୍ୟାହୃତ



**ଭୁବନେଶ୍ୱର (ଏନ୍.ଏମ୍.):** ପୁରୀ ଶ୍ରୀମନ୍ଦିର ପାଇଁ ଜାତୀୟ ଐତିହ୍ୟ କୀର୍ତ୍ତିରାଜୀ ପ୍ରାଧିକରଣ(ଏନ୍ଏମ୍ଏ) ଜାରି କରିଥିବା ନିୟମାବଳୀ(ବାଇ-ଲ') ବିଜ୍ଞପ୍ତିକୁ ବୈଷୟିକ ତ୍ରୁଟି ଦର୍ଶାଇ ପ୍ରତ୍ୟାହାର କରିନେଇଛି । ଏହାକୁ ନେଇ ରାଜ୍ୟବ୍ୟାପୀ ବିଶେଷ କରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ବିବାଦକୁ ଆଉ ବଢ଼ିବାକୁ ନଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ । ଏହି ବାଇ-ଲ'କୁ ବିରୋଧ କରି ଶ୍ରୀମନ୍ଦିର ସେବାୟତ ରବିବାର ବଡ଼ଦାଣ୍ଡକୁ ଓହ୍ଲାଇଥିଲେ । ଅନ୍ୟପଟେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗସ୍ତକରି ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ବିବାଦୀୟ ବାଇ-ଲ'ର ପ୍ରତ୍ୟାହାର ଦାବି କରିଥିଲେ । ଜଗନ୍ନାଥଙ୍କ କାମକୁ କେହି ଅଟକାଇପାରିବେନି ବୋଲି କହି ସିଂହଦ୍ୱାର ସମ୍ମୁଖରୁ କଡ଼ା ସନ୍ଦେଶ ରଖିଥିଲେ ମୁଖ୍ୟମନ୍ତ୍ରୀ । ଯୋଗକୁ ବିଜ୍ଞପ୍ତିକୁ ଏନ୍ଏମ୍ଏ ପକ୍ଷରୁ ପ୍ରତ୍ୟାହାର କରିନିଆଯାଇଛି । ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବାଇ-ଲ' ଏକ ଭୁଲ ନିଷ୍ପତ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଥିଲେ । ଏନେଇ ସେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଥିଲେ । ସେହି ଆଧାରରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବିଜେପି ସାଂସଦଙ୍କ ଏକ ୭ଜଣିଆ ପ୍ରତିନିଧି ଦଳ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲା ପଟେଲଙ୍କୁ ସାକ୍ଷାତ କରିଥିଲେ । ଶ୍ରୀମନ୍ଦିର ପାଇଁ ଜାରି ହୋଇଥିବା ବାଇ-ଲ' ବିଜ୍ଞପ୍ତିରେ ରହିଥିବା ଅସୁବିଧା ଏବଂ ଏହାକୁ ନେଇ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଗୁଲାମଙ୍କ ପାଇଁ ମୋଦୀଙ୍କ ଆଖିରେ ଲୁହ



**ନୂଆଦିଲ୍ଲୀ (ଏଜେନ୍ସି):** ମୁଁ ନିଜକୁ ବହୁତ ଭାଗ୍ୟବାନ୍ ମନେକରୁଛି, କାରଣ ମୁଁ କେବେ ପାକିସ୍ତାନ ଯାଇନାହିଁ । ଏହା ମୋ ପାଇଁ ସୌଭାଗ୍ୟର ବିଷୟ । ମୁଁ ଜଣେ ହିନ୍ଦୁସ୍ତାନୀ ମୁସଲମାନ ହୋଇଥିବାରୁ ଗର୍ବ ଅନୁଭବ କରୁଛି ବୋଲି କହିଛନ୍ତି କଂଗ୍ରେସ ସାଂସଦ ତଥା ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ । ଆଜାଦଙ୍କ ରାଜ୍ୟସଭା କାର୍ଯ୍ୟକାଳ ଆସନ୍ତା ୧୫ ତାରିଖରେ ଶେଷ ହେବାକୁ ଯାଉଛି । ତେଣୁ ଆଜି ରାଜ୍ୟ ସଭାରେ ଅବସରକାଳୀନ ଉଦବୋଧନ ଦେବା ସମୟରେ ସେ ଏହା କହିବା ସହିତ ପୂର୍ବ ଅନୁଭୂତି ବଖାଣି ଭାବୁକ ହୋଇପଡ଼ିଥିଲେ । ଅବସରକାଳୀନ ଉଦବୋଧନ ସମୟରେ ଆଜାଦ ଏକ ଆତଙ୍କବାଦୀ ଆକ୍ରମଣ ଘଟଣାର ଉଲ୍ଲେଖ କରିଥିଲେ, ଯାହା ଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବି ଭାବୁକ କରିଦେଇଥିଲା । ଆଜାଦ କହିଥିଲେ, ସେ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ହେବାର କିଛି ଦିନ ପରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ଏବଂ କିଛି ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ମିଥ୍ୟା ମାମଲା ନେଇ ପୁଲିସ୍ ବିରୋଧରେ ହୋଇପାରିବ କାର୍ଯ୍ୟାନୁଷ୍ଠାନ

# ୨୫ ହଜାର କ୍ଷତିପୂରଣ ପାଇଁ ଆଦେଶ

**କଟକ (ଏନ.ଏମ୍.):** ଏକ ମିଥ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ବିନା ଦୋଷରେ ନିର୍ଯାତନା ଦେବା ଘଟଣାରେ ଥାନା ଅଧିକାରୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ରାଜ୍ୟ ମାନବାଧିକାର ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । କମିଶନ ଏହି ଘଟଣାରେ



କନ୍ଦରପୁର ଥାନା ଅଧିନସ୍ଥ ହଂସନାଥ ଗ୍ରାମର ନିର୍ଯାତିତ ଚନ୍ଦ୍ରଶେଖର ନାୟକଙ୍କୁ ୨୫ ହଜାର କ୍ଷତିପୂରଣ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଆବେଦନକାରୀ ତଥା ପୁଲିସ୍ ନିର୍ଯାତନାର ଶିକାର ହୋଇଥିବା ଚନ୍ଦ୍ରଶେଖର ନାୟକଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ରାଜ୍ୟ ମାନବାଧିକାର ଆୟୁକ୍ତ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ କନ୍ଦରପୁର ଥାନାର ପୂର୍ବତନ ଥାନା ଅଧିକାରୀ ମୃଣାଳକାନ୍ତି ସେନାପତିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି କହିଛନ୍ତି । କନ୍ଦରପୁର ଥାନା ଅନ୍ତର୍ଗତ ହଂସନାଥ ଗ୍ରାମର ଚନ୍ଦ୍ରଶେଖର ନାୟକଙ୍କୁ ଏକ ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଶ୍ରୀ ସେନାପତି ଗତ ୨୦୧୬ ମସିହା ଅକ୍ଟୋବର ୨୭ ତାରିଖ ଦିନ ଥାନାରେ ମାଡ ମାରି ଲହୁଲୁହାଣ କରିଥିଲେ । ଥାନା ଅଧିକାରୀଙ୍କ ବିରୋଧରେ ଶ୍ରୀ ନାୟକ ରାଜ୍ୟ ମାନାବଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିରେ ସେ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନ କରିଥିଲେ ।

## ସ୍ୱାସ୍ଥ୍ୟବିଭାଗର ବାହାସ୍ଫୋଟ

# ଅର୍ଥାଭାବରୁ ଚିକିତ୍ସା ସେବା ଅପହଞ୍ଚ



**କେନ୍ଦୁଝର (ଏନ୍.ଏମ୍.):** ରାଜ୍ୟରେ ଥିବା ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ବିପୁଳ ପରିମାଣର ଅର୍ଥ ଯୋଗାଇ ଦିଆଯାଉଥିବା ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଭିନ୍ନ ସଭାସମିତିରେ ଭାଷଣବାଜି କରାଯାଉଥିଲେ ହେଁ ବାସ୍ତବରେ ତାହା ପ୍ରହସନ ବ୍ୟତୀତ କିଛି ନୁହେଁ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି । ଖଣିଖାଦାନଭରା ତଥା ପ୍ରାକୃତିକ ପରିବେଶରେ ପରିବେଷ୍ଟିତ କେନ୍ଦୁଝର ସହରରେ ଅର୍ଥାଭାବ କାରଣରୁ ଜଣେ ଦିବ୍ୟାଙ୍ଗ ଯୁବକର ଉଚ୍ଚ ଚିକିତ୍ସା କରାଯାଇପାରୁ ନଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ନିଜେ ନିଜର ନିତ୍ୟକର୍ମ ତୁଲାଇବାକୁ ଅକ୍ଷମ ହୋଇପଡ଼ିଥିବା ଏହି ଦିବ୍ୟାଙ୍ଗ ଯୁବକଙ୍କ ସହ ଛାଇଭଳି ରହି ଆସିଥିବା ତାଙ୍କର ମା' ପ୍ରାୟ ୩୦ ବର୍ଷ ଧରି ଦେଖାଶୁଣା କରିଆସୁଛନ୍ତି । ଏଭଳି ଘଟଣା ଜଣାପଡ଼ିବା ପରେ ଜିଲା ଖଣିଜ ପାଣ୍ଠିରେ ଗଚ୍ଛିତ ଥିବା କୋଟି କୋଟି ଟଙ୍କାର ଗତି କୁଆଡ଼େ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ବୀରବରପୁରପାଟଣା ଅଞ୍ଚଳରେ ରହୁଥିବା ଶ୍ୟାମସୁନ୍ଦର ସାହୁ ଓ ହରିପ୍ରିୟା ସାହୁଙ୍କ ଏକମାତ୍ର ପୁଅ ଦୀପକକୁମାର ସାହୁ (୩୦) ଜନ୍ମରୁ ସାମାନ୍ୟ ବିକଳାଙ୍ଗ ଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ ଉପଯୁକ୍ତ ଚିକିତ୍ସା ଅଭାବ କାରଣରୁ ଏହା ବୃଦ୍ଧିପାଇଥିଲା । ପୁଅ ଦୀପକ ବର୍ତ୍ତମାନର ବୟସରେ କର୍ମସଂସ୍ଥାନ ଯୋଗାଡ଼ କରି ଉଭୟ ପିତାମାତାଙ୍କ ଭରସାର ପାତ୍ର ହେବା ପରିବର୍ତ୍ତେ ମାଆଙ୍କ ସହାୟତାରେ ଯିବା ଆସିବା ଠାରୁ ଆରମ୍ଭ ଖାଇବା ପିଇବା ଏବଂ ଶୌଚାଳୟ କାର୍ଯ୍ୟ ଆଦି କରୁଛନ୍ତି । ମାଆ ହରିପ୍ରିୟାଙ୍କ କହିବାନୁସାରେ, ତାଙ୍କ ଜନ୍ମପର ଠାରୁ ଚାଲିଚଳଣରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେବାରୁ ତାଙ୍କୁ ପ୍ରଥମେ କେନ୍ଦୁଝର ଜିଲା ଚିକିତ୍ସାଳୟ ଓ ପରେ କଟକସ୍ଥିତ ଏସସିବି ମେଡ଼ିକାଲରେ ଚିକିତ୍ସା ପାଇଁ ନିଆଯାଇଥିଲା । ହେଲେ ତାଙ୍କର ମସ୍ତିଷ୍କରେ ସମସ୍ୟା ଥିବା ଦର୍ଶାଯାଇ ଫେରେଇ ଦିଆଯାଇଥିଲା । ଏହାଛଡ଼ା ଦୀପକ କିଛି ଶୁଣିପାରୁ ନଥିବାବେଳେ କିଛି ମଧ କହିପାରନ୍ତିନାହିଁ । ପୁଅର ଏଭଳି ଦୈନ୍ୟ ଅବସ୍ଥା ପାଇଁ ପିତାମାତା ବାରଦୁଆର ଶୁଣ୍ଠିପିଣ୍ଡା ହୋଇଥିଲେ ମଧ ତାଙ୍କୁ କୌଣସି ସହଯୋଗ ମିଳି ନଥିଲା । ଶତପ୍ରତିଶତ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଥିବା ଦୀପକଙ୍କୁ କେବଳ ବିକଳାଙ୍ଗ ଭତ୍ତା ବାବଦକୁ ସାମାନ୍ୟ ଅର୍ଥ ଯୋଗାଇଦେଇ ପ୍ରଶାସନ ନିଜର ଦାୟିତ୍ୱ ଶେଷ କରିଦେଇଛି । ତାଙ୍କର ପ୍ରତ୍ୟହ ଔଷଧ ପାଇଁ ୩ ହଜାର ଟଙ୍କାର ଆବଶ୍ୟକତା ରହିଥିବାବେଳେ ଟିଉସନ କରି ପରିବାର ପ୍ରତିପୋଷଣ କରୁଥିବା ଶ୍ୟାମସୁନ୍ଦରଙ୍କ ପକ୍ଷେ ସମ୍ଭବ ହେଉନି । ଗୋଟିଏ ପଟେ ଦୀପକଙ୍କ ଚିକିତ୍ସା ପାଇଁ ମୋଟାଅଙ୍କର ଅର୍ଥର ଆବଶ୍ୟକତା ଥିବାବେଳେ ତାହା ଯୋଗାଡ଼ି କରି ନପାରି ମର୍ମାହତ ହୋଇପଡ଼ିଛନ୍ତି ଉଭୟ ପିତାମାତା । ଅତ୍ୟନ୍ତ ଦୁର୍ବିସହ ଜୀବନ ବିତାଉଥିବା ଏହି ପରିବାରକୁ କେବଳ ସରକାରଙ୍କ ପକ୍ଷରୁ ୫ କିଲୋ ଚାଉଳ ଯୋଗାଇ ଦିଆଯାଉଛି । ଦୀପକଙ୍କ ଅନ୍ୟ ୨ଭଉଣୀ ମଧ୍ୟରୁ ଜଣେ ବିବାହ କରିଯାଇଥିବାବେଳେ ଅନ୍ୟ ଜଣେ ବିବାହ ଅପେକ୍ଷାରେ ରହିଛନ୍ତି । ସେହିପରି ଦୀପକଙ୍କ ଚଳପ୍ରଚଳ ନେଇ ସମସ୍ୟା ଉପୁଜୁଥିବାରୁ ଏଥିପାଇଁ ଏକ ତିନିଚକିଆ ସାଇକଲର ଆବଶ୍ୟକତା ଥିବାରୁ ଅର୍ଥାଭାବ ଯୋଗୁଁ ସେ ତାହା କ୍ରୟ କରିପାରୁ ନଥିବା ଜଣାପଡ଼ିଛି । ଏଥିପ୍ରତି ଜିଲାପାଳ ଅବିଳମ୍ବେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି । ଏହାଛଡ଼ା ଯଦି କୌଣସି ସହୃଦୟ ବ୍ୟକ୍ତି ଦୀପକଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ଚାହାଁନ୍ତି ତେବେ ୯୪୩୮୦-୩୧୧୮୩ରେ ଯୋଗାଯୋଗ କରିବାକୁ ନିବେଦନ ।



## ଖୁବଶିଘ୍ର ଓଡ଼ିଶା ଫେରିବେ

# ରାନୀ !

ଜଲିଉଡର ପ୍ରଖ୍ୟାତ ନାୟିକା ରାନୀ ପଣ୍ଡା । ବେଳେ ବେଳେ ଏ ସମାଜ ତାଙ୍କୁ ଭୁଲ ବୁଝେ ବୋଲି ତାଙ୍କର ଅଭିଯୋଗ । ମାତ୍ର ସେ ଏକ ଖୋଲା ବହି । ସେହି ବହିକି ଖୋଲି ପଢ଼ । ତା’ପରେ ଜାଣିପାରିବ ରାନୀ ପଣ୍ଡା କଣ ? କୌଣସି ଖରାପ କାମ କରୁନି । ଯଦି ଖରାପ କାମ କରି ଅର୍ଥ ଉପାର୍ଜନ କରୁଛି, ତାହା ହେଲେ ସେହି ଅର୍ଥ ଲୋକଙ୍କୁ କାହିଁକି ଦେବି ବୋଲି ପାଲଟା ପ୍ରଶ୍ନ କରିଛନ୍ତି ରାନୀ ।

ଏବେ ରାନୀ ଗୋଆରେ ଅଛନ୍ତି । ସେଠାରେ ଡ୍ୟାନ୍ସ ପ୍ରୋଗ୍ରାମ୍ କରୁଛନ୍ତି । ତେବେ ସେ ଆଉ ଯଲିଉଡ୍‌କୁ ଆଉ ଫେରିବି ନାହିଁ ମତଦେଇଛନ୍ତି । ହେଲେ ଯଦି ସୁଯୋଗ ମିଳିବ, ତାହାହେଲେ କେବଳ ସଚ୍ଚିଦାନନ୍ଦମ୍‌ରେ ଅଭିନୟ କରିବି । ଏହାଛଡ଼ା ଅନ୍ୟ କୌଣସି ଯାତ୍ରା ପାର୍ଟିରେ ଯୋଗଦେବେ ନାହିଁ ବୋଲି ରାନୀ କହିଛନ୍ତି । ଆଗାମୀ ଯୋଜନା ନେଇ ରାନୀ କହିଛନ୍ତି, ଏବେ ବଲିଉଡ୍ ଓ ଛତିଶଗଡ଼ୀ ଇଣ୍ଡଷ୍ଟ୍ରୀରେ ପ୍ରବେଶ ପାଇଁ ଉଦ୍ୟମ କରୁଛି । ସୁଯୋଗକୁ ଅପେକ୍ଷା କରିଛି । ବର୍ତ୍ତମାନ ପରିସ୍ଥିତିରେ ଏହି ଦୁଇ ଇଣ୍ଡଷ୍ଟ୍ରୀରେ ମୋର କେହି ଗଡ୍‌ଫାଦର ନାହାନ୍ତି । ତେଣୁ ତାଙ୍କ ପାଇଁ ନିଜ ପାଇଁ ନିଜକୁ ସଂଘର୍ଷ କରିବାକୁ ପଡୁଛି । ତେବେ ରାନୀ ପୁଣି କହିଛନ୍ତି ଯେ, ସେ ଓଡ଼ିଶା ପାଇଁ ନିଶ୍ଚିତ ଗୌରବ ଆଣିବେ । ଅନ୍ୟପକ୍ଷରେ ରାନୀ କେବେ ଓଡ଼ିଶା କେବେ ଫେରିବେ ବୋଲି ପଚାରିବାରେ ସେ ଏହାର ଉତ୍ତରରେ କହିଛନ୍ତି ଯେ, ଖୁବଶିଘ୍ର ଓଡ଼ିଶା ଫେରିବା ପାଇଁ ଚିନ୍ତାକରୁଛନ୍ତି । ମନୋରଞ୍ଜନ ଦୁନିଆରେ ରାନୀ ହେଉଛନ୍ତି ଜଣେ ଚର୍ଚ୍ଚିତ ଚେହେରା । କେତେ ବେଳେ ଷ୍ଟେଜ ଉପରେ ଝାଲେମାଲା ଡ୍ୟାନ୍ସ କରି ଚର୍ଚ୍ଚାରେ ରହୁଥିଲେ ତ ଆଉ କେତେବେଳେ ବିବାଦୀୟ ବୟାନ ଦେଇ ବିବାଦରେ ଘେରରେ ରହୁଥିଲେ । ନିକଟ ଅତୀତରେ ମଞ୍ଚ ଖୋଲିବାକୁ ନେଇ ଯାତ୍ରା ହିରୋ ବାପି ପଣ୍ଡା ଓ ରାନୀ ଉଭୟେ ମୁହାଁମୁହିଁ ହୋଇଥିଲେ । ତେବେ ଉଭୟଙ୍କ ବାକ୍ ଯୁଦ୍ଧ ଏଭଳି ହୋଇଥିଲା ଯେ, ଶେଷରେ କୋର୍ଟକୁ ମାମଲା ଯାଇଥିଲା ।

# ତିୱାରି ତିଆ-ରିଦ୍ଧି ନିର୍ବନ୍ଧ ଶେଷ



ଆଇପିଏଲ୍ ୨୦୨୦ ସଂସ୍କରଣରେ ରାଜସ୍ଥାନ ରୟାଲ୍‌ସ ଦଳ ତରଫରୁ ଖେଳି ବିସ୍ଫୋରକ ବ୍ୟାଟିଂରେ ଦର୍ଶକଙ୍କୁ ବିମୋହିତ କରିଥିବା ରାହୁଲ ତିୱାତିଆ ଓ ରିଦ୍ଧିଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି । ତିୱାତିଆ ସାମାଜିକ ଗଣମାଧ୍ୟମରେ ରିଦ୍ଧିଙ୍କ ସହ ଏକ ଫଟୋ ଛାଡ଼ିବା ସହ ବୁଧବାର ନିର୍ବନ୍ଧ ହୋଇଥିବା ସୂଚନା ଦେଇଛନ୍ତି ।

ନିର୍ବନ୍ଧ ଉତ୍ସବରେ ତିୱାତିଆଙ୍କ ସାଥୀ ଖେଳାଳି ଜୟନ୍ତ ଯାଦବ ଓ ନୀତୀଶ ରାଣା ପ୍ରମୁଖ ଉପସ୍ଥିତ ଥିଲେ । ତିୱାତିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର୍ ସୁରେଶ ରୈନା । ୨୦୧୫ରେ ଆଇପିଏଲ୍‌ରେ ପଦାର୍ପଣ କରିଥିବା ତିୱାତିଆଙ୍କୁ ୨୦୧୮ ଖେଳାଳି ନିଲାମରେ ଦିଲ୍ଲୀ କ୍ୟାପିଟାଲ୍‌ସ ୩ କୋଟି ଟଙ୍କାରେ କିଣିଥିଲା । ସେ ୮ଟି ମ୍ୟାଚ୍ ଖେଳି ମାତ୍ର ୫୦ ରନ୍ କରିବା ସହ ୬ଟି ୱିକେଟ୍ ହାସଲ କରିଥିଲେ । ୨୦୨୦ ଆଇପିଏଲ୍ ନିମନ୍ତେ ଦିଲ୍ଲୀ କ୍ୟାପିଟାଲ୍‌ସ ତିୱାତିଆଙ୍କୁ ରାଜସ୍ଥାନ ରୟାଲ୍‌ସକୁ ବିକ୍ରି କରି ଦେଇଥିଲା । ୟୁଏଇରେ ଖେଳା ଯାଇଥିବା ୨୦୨୦ ସଂସ୍କରଣରେ ତିୱାତିଆଙ୍କୁ ୨୫୫ ରନ୍ ସ୍କୋରକରିବା ସହ ୧୦ଟି ୱିକେଟ୍ ହାସଲ କରିଥିଲେ ।

# ମିସେସ୍ ଇଣ୍ଡିଆ ମୁକୁଟ ପିନ୍ଧିଲେ କମଲ ନବଦୀପ କୌର

## ସୁନ୍ଦରଗଡ଼ର ସୁନ୍ଦରୀ ବୋହୂ



ସୁନ୍ଦରଗଡ଼ କେବଳ ହକିର ଗଡ଼ ନୁହେଁ । ସୁନ୍ଦରୀଙ୍କ ଗଡ଼ ବୋଲି ଏବେ ପ୍ରମାଣିତ ହୋଇଛି । ସୁନ୍ଦରଗଡ଼ର ବୋହୂ ହୋଇଛନ୍ତି ଦେଶର ଶ୍ରେଷ୍ଠ ସୁନ୍ଦରୀ । ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ସୁନ୍ଦରଗଡ଼ ବୋହୂ କମଲ ନବଦୀପ କୌର ମିସେସ୍ ଇଣ୍ଡିଆ ମୁକୁଟ ପିନ୍ଧିଛନ୍ତି । ରାଉରକେଲା ଉପାନ୍ତବର୍ତ୍ତୀ ଶିଳ୍ପ ସମୃଦ୍ଧ କାଂଶବାହାଲ ଅଞ୍ଚଳର ନବନୀତ ସୁନ୍ଦରୀ ମୁକୁଟ ଜିତି ସ୍ଥାନୀୟ ଅଞ୍ଚଳ ଓ ଜିଲା ପାଇଁ ଗୌରବ ଆଣିଛନ୍ତ । ଗତ ଅକ୍ଟୋବର ମାସରୁ ଅନଲାଇନରେ ସାରା ଦେଶର ବିବାହିତା ମହିଳାମାନଙ୍କୁ ନେଇ କରାଯାଇଥିବା ବିଭିନ୍ନ ପର୍ଯ୍ୟାୟ ପ୍ରତିଯୋଗିତା ପରେ ମୁମ୍ବାଇରେ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିଲା । ଏଥିରେ ନବଦୀପ କୌର ବିଜୟୀ ହୋଇଛନ୍ତି । ନିଜର ଏହି ସଫଳତା ପାଇଁ ଆନନ୍ଦରେ ଆତ୍ମହରା ହୋଇଛନ୍ତି ନବଦୀପ । ସେ କହିଛନ୍ତି ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ବିଜୟୀ ହେବା ମୋ ପାଇଁ ଗୌରବ ।

ଏହି ସଫଳତାର ଶ୍ରେୟ ମୋର ପରିବାର ଓ ସ୍ଥାନୀୟ ବାସିନ୍ଦାମାନଙ୍କର । ଯେଉଁମାନେ ମୋତେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଯୋଗାଇଥିଲେ । ଏହି ପ୍ରତିଯୋଗିତାରେ ସାରା ଦେଶରୁ ୬୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଚଳଚ୍ଚିତ୍ର ଅଭିନେତା ବିବେକ ଓବରାୟ, ସୋହା ଅଲ୍ଲୀ ଖାନ୍, ୨୦୨୦ ମିସେସ ୱାର୍ଲଡ଼ ବିଜୟିନୀ କରୋଲାଇନ ଜୁରି, କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ମୋହିନୀ ଶର୍ମା, ଡ଼ିଜାଇନର ମୌସୁମୀ ବାୱାୱାଲା ଏହି ପ୍ରତିଯୋଗିତାରେ ବିଚାରକ ରହିଥିଲେ । ନବଦୀପଙ୍କର ଏହି ସଫଳତା ଖବର ପହଞ୍ଚିବା ପରେ ସାରା ଅଞ୍ଚଳବାସୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନାରେ ଆଜି ସମ୍ବର୍ଦ୍ଧିତ କରିଛନ୍ତି । ରାଜଗାଙ୍ଗପୁର ବିଧାୟକ ଡାକ୍ତର ରାଜେନ ଏକ୍କା ତାଙ୍କ ସମର୍ଥକଙ୍କ ସହ ବିଲେଇଗଡରେ ପହଞ୍ଚି ନବଦୀପଙ୍କୁ ସ୍ୱାଗତ କରିଛନ୍ତି ।

# ଘରୋଇ ଉପଚାର

ବର୍ତ୍ତମାନର ଜୀବନଶୈଳୀ ହେତୁ ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ । ବହୁ ଲୋକଙ୍କର ପାଚନ ଜନିତ ସମସ୍ୟା ଲାଗି ରହିଥାଏ । ଏହି କାରଣରୁ ପେଟରେ ଯନ୍ତ୍ରଣା, ବଦହଜମି ଭଳି ବିଭିନ୍ନ ସମସ୍ୟା ହୋଇଥାଏ । ଏହି ସମସ୍ୟାର ସମାଧାନ ପାଇଁ ଆପଣ କେତେକ ଘରୋଇ ଉପାୟ ଆପଣେଇ ପାରିବେ । ଜାଣନ୍ତୁ ସେହି ଉପାୟ ଗୁଡ଼ିକ ବିଷୟରେ.......

### ରସୁଣ

ରସୁଣରେ ଆଣ୍ଟି-ଅକ୍ସିଡ଼ାଣ୍ଟ, ଆଣ୍ଟି-ବାଇଓଟିକ ଓ ଆଣ୍ଟି-ଇନଫ୍ଲେମେଟ୍ରି ଗୁଣ ରହିଛି । ଯାହା ପେଟର ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ତେଣୁ ପେଟ ଜନିତ ସମସ୍ୟା ଥିଲେ ଆପଣ ରସୁଣ ଖାଇବା ଲାଭଦାୟକ ।





### ଅଦା

ଖାଦ୍ୟ ଭଲ ଭାବେ ହଜମ ହୋଇନଥିଲେ ଆପଣ ଅଦା ଖାଇବା ଖୁବ ଉତ୍ତମ । ଅଦାରେ ଥିବା ପୋଷକ ତତ୍ତ୍ୱ ଖାଦ୍ୟକୁ ହଜମ କରିବାରେ ସହାୟକ ହେବା ସହ ବଦହଜମି ମଧ୍ୟ ଦୂର କରିଥାଏ ।

### କଳା ଜିରା

କଳା ଜିରାରେ ଆଣ୍ଟି-ମାଇକ୍ରୋବିୟଲ ଭରପୁର ମାତ୍ରାରେ ରହିଛି । କଳା ଜିରାରର ସେବନ କରିବା ଫଳରେ ପେଟରେ ଥିବା ଦୂଷିତ ପଦାର୍ଥ ନିର୍ଗତ କରିବାରେ ସହାୟକ ହେବା ସହ ପେଟର ଯନ୍ତ୍ରଣାକୁ କମ କରିଥାଏ ।





### ପିପରମେଣ୍ଟ

ଖାଦ୍ୟ ଭଲ ଭାବେ ହଜମ ହୋଇନଥିଲେ ଓ ପାଚନ ଜନିତ ସମସ୍ୟା ସର୍ବଦା ରହୁଥିଲେ, ପିପରମେଣ୍ଟ ଖୁବ ଲାଭଦାୟକ ଅଟେ । ଏଥିରେ ଥିବା ପୋଷକ ତତ୍ତ୍ୱ ଖାଦ୍ୟକୁ ହଜମ କରିବା ସହ ପେଟକୁ ସୁସ୍ଥ ରଖିଥାଏ । ପାଚନ ଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ।

# ବଲିଉଡ଼କୁ ଆସିବେ ନାଗା

ବଲିଉଡ଼ରେ ପାଦ ଥାପିବେ ଲୋକପ୍ରିୟ ଦକ୍ଷିଣ ଭାରତୀୟ ଅଭିନେତା ନାଗା ଚୈତନ୍ୟ । ପୂର୍ବରୁ ସାଉଥ ସୁପରଷ୍ଟାର ନାଗାର୍ଜୁନ ବଲିଉଡ ଫିଲ୍ମରେ ଅଭିନୟ କରିଥିବା ବେଳେ ଏବେ ତାଙ୍କ ପୁଅ ନାଗା ଚୈତନ୍ୟଙ୍କ ବଲିଉଡ଼ ଡେବ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି ।

ମିଳିଥିବା ସୂଚନା ମୁତାବକ, ଅମୀର ଖାନଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର ‘ଲାଲ ସିଂହ ଚଡ୍ଢା’ ପାଇଁ ନାଗା ଚୈତନ୍ୟଙ୍କୁ ପ୍ରସ୍ତାବ ଦିଆଯାଇଛି । ନାଗା ଚୈତନ୍ୟ ବର୍ତ୍ତମାନ ଫିଲ୍ମ ‘ଥାଙ୍କ ୟୁ’ର ଶୁଟିଂରେ ବ୍ୟସ୍ତ ଅଛନ୍ତି ।

ରିପୋର୍ଟ ଅନୁଯାୟୀ, ଶୁଟିଂ ତାରିଖ ନେଇ କିଛି ସମସ୍ୟା ହେବାରୁ ସାଉଥ ସୁପରଷ୍ଟାର ବିଜୟ ସେତୁପତି ଅମୀର ଖାନଙ୍କ ଫିଲ୍ମ ‘ଲାଲ ସିଂହ ଚଡ୍ଢା’ରେ ଅଭିନୟ କରିବାକୁ ମନା କରିଦେଇଛନ୍ତି । ସେତୁପତିଙ୍କ ପରେ ଅମୀର ନାଗା ଚୈତନ୍ୟଙ୍କୁ ଆପ୍ରୋଚ୍ କରିଛନ୍ତି । ତେବେ ଏନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା ହୋଇନାହିଁ । ଯଦି ଏଭଳି ହୁଏ ତାହେଲେ ନାଗା ବଲିଉଡରେ ଡେବ୍ୟୁ କରିବେ ।



# କଞ୍ଚା ଇଲିସି ମାଛ ବେସର



**ଆବଶ୍ୟକ ସାମଗ୍ରୀ :-**

ଇଲିସି ମାଛ, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, କଟା ରସୁଣ, ଅଦା ଓ ରସୁଣ ପେଷ୍ଟ, ବଟା ସୋରିଷ, ସୋରିଷ ତେଲ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ଓ କରି ପାଉଡର ।

**ପ୍ରସ୍ତୁତି ପ୍ରଣାଳୀ :-**

ପ୍ରଥମେ ଇଲିସି ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ । ତା’ପରେ ସେଥିରେ ଲୁଣ ଓ ହଳଦୀ ପକାଇ ଭଲ ଭାବେ ଗୋଳାଇ ରଖି ଦିଅନ୍ତୁ । କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ । ସେଥିରେ କଞ୍ଚା ପିଆଜ ପକାଇ ଭାଜନ୍ତୁ । ପିଆଜ ଲାଲ ହେବା ପରେ ଅଦା ଓ ରସୁଣ ପେଷ୍ଟ ଦିଅନ୍ତୁ । ତା’ସହିତ ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ରସୁଣ ପକାନ୍ତୁ । ଏହା ତରକାରୀର ସ୍ୱାଦକୁ ବଢ଼ାଇଥାଏ । ଟମାଟୋ ଓ କରି ପାଉଡର ପକାଇ ମସଲାକୁ କଷନ୍ତୁ । ମସଲା କଷି ହେବା ପରେ ବଟା ସୋରିଷ ପକାଇ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ । ଏହା ଫୁଟିବା ପରେ କଞ୍ଚା ଇଲିସି ମାଛକୁ ସେଥିରେ ପକାନ୍ତୁ ଓ କଡ଼େଇକୁ ଘୋଡ଼ାଇ ଦିଅନ୍ତୁ । ସ୍ୱାଦ ଅନୁସାରେ ଆପଣ ଏଥିରେ ଲୁଣ ପକାଇ ପାରିବେ ।ମାଛ ସିଝିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ, ଧନିଆ ପତ୍ର ପକାନ୍ତୁ ଏବଂ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଞ୍ଚା ଇଲିସି ମାଛ ବେସର ।




## ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର ପାଇଁ ୧୦୦ କୋଟି ଟଙ୍କା




**ନୂଆଦିଲ୍ଲୀ(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ କମିଟିର ଅର୍ଥନୀତିକ ବ୍ୟାପାର ବିଭାଗ ସାର ବିଭାଗକୁ ୧୦୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅର୍ଥ ଆସାମର ନାମରୂପରେ ଥିବା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର୍ସ କର୍ପୋରେସନ ଲିମିଟେଡକୁ ୟୁରିଆ ସାର ଉତ୍ପାଦନ ପାଇଁ ଦିଆଯିବ। ଭାରତ ସରକାରଙ୍କ ସାର ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର କର୍ପୋରେସନ ଲିମିଟେଡ ଏକ ପବ୍ଲିକ ଅଣ୍ଡରଟେକିଂ ସଂସ୍ଥା । ଆସାମର ନାମରୂପ ଠାରେ ଥିବା ଏହି କର୍ପୋରେସନର ପରିସର ମଧ୍ୟରେ ନାମରୂପ-୨, ନାମରୂପ - ୩ ଭାବରେ ଦୁଇଟି ପୁରୁଣା ପ୍ଲାଣ୍ଟ ଚାଲିଛି । ଏହା ଦେଶର ପ୍ରଥମ ଗ୍ୟାସଭିତ୍ତିକ ୟୁରିଆ ଉତ୍ପାଦନ କରୁଥିବା କାରଖାନା। ସାର ଉତ୍ପାଦନ କ୍ଷେତ୍ରରେ ଏହାର ସମସ୍ତ ପ୍ରକାରର ଉପକରଣ ଏବଂ ଭିତ୍ତିଭୂମି ମଧ୍ୟ ରହିଛି । କିନ୍ତୁ ବର୍ତ୍ତମାନର ପ୍ଲାଂଟଗୁଡିକରୁ କମ୍ ଖର୍ଚ୍ଚରେ ଉତ୍ପାଦନ କରିବା କଷ୍ଟକର ହୋଇପଡୁଛି। କାରଣ ଏ କ୍ଷେତ୍ରରେ ଥିବା ବୈଷୟିକ କୌଶଳ ପୁରୁଣା ଏବଂ ଘସରା ହୋଇଗଲାଣି। ପ୍ଲାଣ୍ଟରୁ କମ୍ ଖର୍ଚ୍ଚରେ ନିରାପଦ ଏବଂ ଦୀର୍ଘକାଳୀନ ଭିତିରେ ଉତ୍ପାଦନ ପାଇଁ କେତେକ ଯନ୍ତ୍ରାଂଶରେ ମରାମତି ଏବଂ କେତେକକୁ ବଦଳାଇବା ଆବଶ୍ୟକ ପଡୁଛି । କେତେକ ଯନ୍ତ୍ରାଂଶ ଓ ବୈଦ୍ୟୁତିକ ଉପକରଣର ମରାମତି ଜରୁରୀ ହୋଇପଡିଛି । ଏହା ବିନା କାରଖାନାକୁ ସୁରୁଖୁରୁରେ ଚଲାଇବା କଷ୍ଟକର ହୋଇପଡିଛି । ଏଥିପାଇଁ ଆବଶ୍ୟକ ପଡୁଥିବା ୧୦୦ କୋଟି ଟଙ୍କା ଅନୁଦାନ ଭାବରେ ସରକାର ଯୋଗାଇ ଦେଇଛନ୍ତି।

ଦେଶର ଉତ୍ତରପୂର୍ବାଞ୍ଚଳରେ ଥିବା ଏହି କାରଖାନା ଏହି ଅଞ୍ଚଳର ଆର୍ଥିକ ସମୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଆଧୁନିକୀକରଣ ପରେ ଏଠାରୁ ଉତ୍ପାଦିତ ୟୁରିଆ ବିଶେଷଭାବେ ଆସାମର ଚାହା ଏବଂ କୃଷି କ୍ଷେତ୍ରକୁ ସମୃଦ୍ଧ କରିବ। ଏହି ଅନୁଦାନର ବିନିଯୋଗରେ କାରଖାନାର ଉନ୍ନତିକରଣ ପରେ ଏଠାରୁ ବାର୍ଷିକ ୩.୯୦ଲକ୍ଷ ମେଟ୍ରିକ ଟନ୍ ୟୁରିଆ ଉତ୍ପାଦନ ହେବ। ଏହି କାରଖାନାରେ ବର୍ତ୍ତମାନ ପ୍ରାୟ ୫୮୦ ସ୍ଥାୟୀ କର୍ମଚାରୀ ଏବଂ ଦେଢହଜାର ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ଏଥିସହିତ ପ୍ରାୟ ୨୮ହଜାର ଲୋକ ପରୋକ୍ଷଭାବରେ ଏହି କାରଖାନାର ଲାଭ ପାଉଛନ୍ତି। 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଏହି କ୍ଷେତ୍ର ସୁଦୃଢ କରୁଛି।

## ନୂଆ ନିୟମ ଆଣିବ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ(ବ୍ୟୁରୋ):** କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ନୂଆ ଶ୍ରମ ନିୟମ ଆଣିବାକୁ ଯାଉଛି। ଏଥିପାଇଁ ଚିଠା ନିୟମ ପ୍ରସ୍ତୁତ କରାଯାଇଛି। ଚିଠା ନିୟମର ବ୍ୟବସ୍ଥା ଅନୁଯାୟୀ ଜଣେ ଶ୍ରମିକ ସପ୍ତାହରେ ୪ଦିନ କାମ କରିବ ଓ ୩ଦିନ ଛୁଟି ପାଇବ। ତେବେ କାମ କରିବାର ଦିନ ସଂଖ୍ୟା ହ୍ରାସ ହେଲେ ମଧ୍ୟ କାମର ସମୟ ହ୍ରାସ ହେବ ନାହିଁ। ଶ୍ରମିକମାନେ ଦିନକୁ ୮ଘଣ୍ଟା ପରିବର୍ତ୍ତେ ୧୨ଘଣ୍ଟା କାମ କରିବେ। ଏବେ ଜଣେ ଶ୍ରମିକ ଦିନକୁ ୮ଘଣ୍ଟା ହିସାବରେ ସପ୍ତାହକୁ ୪୮ଘଣ୍ଟା କାମ କରୁଛି। ତେଣୁ ଦିନକୁ ୧୨ଘଣ୍ଟା ହିସାବରେ ସେହି ୪୮ଘଣ୍ଟା କାମ କରିବ। ଶ୍ରମ ସଚିବ ଅପୂର୍ବ ଚନ୍ଦ୍ର କହିଛନ୍ତି ଯେ ଚିଠା ଆଇନ ଅନୁଯାୟୀ କମ୍ପାନୀଗୁଡିକ ଶ୍ରମିକଙ୍କୁ ସପ୍ତାହରେ ୩ଦିନ ଦରମା ସହିତ ଛୁଟି ପ୍ରଦାନ କରିବେ। ଏହା ସହିତ ନୂଆ ଆଇନରେ ପ୍ରତ୍ୟେକ କର୍ମଚାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବୀମା ଅଧୀନରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ସେହିପରି ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଅଧୀନରେ ଏକବର୍ଷ ପାଇଁ ମାଗଣା ଦୁର୍ଘଟଣା ବୀମା ଦିଆଯିବ। ତେବେ ଏହି ନିୟମକୁ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ବାଧ୍ୟତାମୂଳକ କରାଯିବ ନାହିଁ। ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହମତି ଭିତ୍ତିରେ ସପ୍ତାହକୁ ୪ଦିନ କିମ୍ବା ୫ଦିନ କିମ୍ବା ୬ଦିନ କାର୍ଯ୍ୟ କରାଯାଇପାରିବ। ୪ଦିନ କାମ କ୍ଷେତ୍ରରେ ଦିନକୁ ୧୨ଘଣ୍ଟା, ୫ଦିନ କ୍ଷେତ୍ରରେ ଦିନକୁ ୧୦ଘଣ୍ଟା ଓ ୬ଦିନ କ୍ଷେତ୍ରରେ ଦିନକୁ ୮ଘଣ୍ଟା ଲେଖାଏଁ କାମ କରାଯିବ। ସେହିପରି କୌଣସି ଶ୍ରମିକ ବା କର୍ମଚାରୀଙ୍କ ଦୈନିକ କାର୍ଯ୍ୟ ଅବଧିରେ ପରିବର୍ତ୍ତନ ଘଟିବ। ଗୋଟିଏ ଦିନରେ ଜଣେ କର୍ମଚାରୀ ୧୦ରୁ ୧୨ ଘଣ୍ଟା କାମ କରି ଅନ୍ୟ ଦିନରେ ୬ ଘଣ୍ଟା କାମ କରିପାରିବେ। ସେହିଭଳି ସେମାନେ ଚାହିଁଲେ ସପ୍ତାହରେ ୬ଦିନ ବଦଳରେ ୪-୫ ଦିନ କାମ୍ କରି ନିଜର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରିବେ। କାମ କରିବାର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଲାଗି ଏପରି ନିୟମ ଅଣାଯିବ। ଚିଠା ଆଇନ ଚୂଡାନ୍ତ ପର୍ଯ୍ୟାୟରେ ରହିଛି। ଉତ୍ତରପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ ଭଳି କେତେକ ରାଜ୍ୟ ଚିଠା ଆଇନକୁ ସମର୍ଥନ କରିଛନ୍ତି। ଏହା ସହିତ ଅନ୍ୟାନ୍ୟ ଅଂଶୀଦାରଙ୍କୁ ନୂଆ ଆଇନ ସମ୍ପର୍କରେ ଅବଗତ କରାଯାଉଛି। ଶ୍ରମ ବ୍ୟୁରୋ ଶ୍ରମିକଙ୍କ କାର୍ଯ୍ୟଧାରା ଉପରେ ୪ଟି ସର୍ଭେ କରି ଦେଇଥିବା ରିପୋର୍ଟ ଆଧାରରେ ଏହି ଚିଠା ନିୟମ ପ୍ରସ୍ତୁତ କରାଯାଇଛି। ପ୍ରବାସୀ ଶ୍ରମିକ, ଘରୋଇ ଶ୍ରମିକ, ପରିବହନ ଶ୍ରମିକଙ୍କ ଉପରେ ଏହି ସର୍ଭେ କରାଯାଇଥିଲା।

**ଦିନକୁ ୧୨ଘଣ୍ଟା କାମ, ସପ୍ତାହକୁ ୩ ଦିନ ଛୁଟି**

### ଆଫଗାନିସ୍ତାନରେ ଲାଲନ୍ଦର 'ଶତୁତ' ଡ୍ୟାମ ନିର୍ମାଣ ପାଇଁ ବୁଝାମଣା ସ୍ୱାକ୍ଷରିତ

**ନୂଆଦିଲ୍ଲୀ(ବ୍ୟୁରୋ):** ଆଫଗାନିସ୍ତାନରେ ଲାଲନ୍ଦର (ଶତୁତ) ଡ୍ୟାମ ନିର୍ମାଣ ପାଇଁ ବୁଝାମଣା (ଏମଓୟୁ) ସ୍ୱାକ୍ଷରିତ ସମାରୋହ ଫେବୃଆରୀ ୦୯, ୨୦୨୧ରେ ଭିଟିସି ମାଧ୍ୟମରେ ସମ୍ପନ୍ନ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆଫଗାନିସ୍ତାନ ରାଷ୍ଟ୍ରପତି ମହାମହିମ ଡଃ ମହମ୍ମଦ ଅଶରଫ ଘନିଙ୍କ ଉପସ୍ଥିତିରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ଏବଂ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ମିଷ୍ଟର ହନିଫ ଆତ୍ମର ଏହି ବୁଝାମଣାରେ ସ୍ୱାକ୍ଷର କରିଥିଲେ।

ଏହି ପ୍ରକଳ୍ପ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ନୂତନ ଭାଗିଦାରୀର ଏକ ଅଂଶ। ଲାଲନ୍ଦର (ଶତୁତ) ଡ୍ୟାମ କାବୁଲ ସହରରେ ସ୍ୱଚ୍ଛ ପାନୀୟ ଜଳର ଆବଶ୍ୟକତା ପୂରଣ କରିବା ସହିତ ନିକଟବର୍ତ୍ତୀ ଅଞ୍ଚଳକୁ ଜଳସେଚନ ପାଇଁ ଜଳ ଯୋଗାଇବ ଓ ବର୍ତ୍ତମାନର ଜଳସେଚନ ଏବଂ ଡ୍ରେନେଜ ପ୍ରଣାଳୀକୁ ପୁନଃ ଥଇଥାନ କରିବାରେ ମଧ୍ୟ ସହାୟକ ହେବ। ଏଥିସହିତ ଏହି ଅଞ୍ଚଳକୁ ବନ୍ୟା ସୁରକ୍ଷା ତଥା ପରିଚାଳନା ଦିଗରେ ସାହାଯ୍ୟ କରିବ ଓ ଏହି ଅଞ୍ଚଳକୁ ବିଦ୍ୟୁତ ଶକ୍ତି ମଧ୍ୟ ଯୋଗାଇବ। ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱର ନିଦର୍ଶନ, ସଲମା ଡ୍ୟାମ ଜୁନ୍ ୨୦୧୬ରେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍ଘାଟିତ ହେବା ପରେ ଏହା ଦ୍ୱିତୀୟ ପ୍ରମୁଖ ଡ୍ୟାମ ହେବ। ଆଫଗାନିସ୍ତାନର ସାମାଜିକ-ଅର୍ଥନୈତିକ ବିକାଶ ଏବଂ ଦୁଇ ଦେଶ ମଧ୍ୟରେ ସ୍ଥାୟୀ ସହଭାଗୀତା ଦିଗରେ ଭାରତର ଦୃଢ ଓ ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ ସ୍ୱରୂପ ଏହି ଲାଲନ୍ଦର (ଶତୁତ) ଡ୍ୟାମ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଆଫଗାନିସ୍ତାନ ସହିତ ଆମର ବିକାଶ ସହଯୋଗର ଏକ ଅଂଶ ଭାବରେ ଆଫଗାନିସ୍ତାନର ସମସ୍ତ ୩୪ ଟି ପ୍ରଦେଶ ମଧ୍ୟରେ ୪୦୦ରୁ ଅଧିକ ପ୍ରକଳ୍ପ ଭାରତ ସମାପ୍ତ କରିଛି। ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏକ ଶାନ୍ତିପୂର୍ଣ୍ଣ, ସ୍ଥିର, ସମୃଦ୍ଧ ତଥା ବିକଶିତ ଆଫଗାନିସ୍ତାନ ନିର୍ମାଣ ଲାଗି ଭାରତର ନିରନ୍ତର ସମର୍ଥନକୁ ନିଶ୍ଚିତ କରିଛନ୍ତି।

## ଠକେଇ ଶିକାର ନହେବା ପାଇଁ ଏସବିଆଇର ପ୍ରୟାସ
## ୪୦କୋଟି ଗ୍ରାହକଙ୍କୁ ପଠାଇଲା ମେସେଜ

**ନୂଆଦିଲ୍ଲୀ (ଏଜେନ୍ସି):** ଦେଶରେ ଅନ୍ ଲାଇନ୍ ଠକେଇ ଏବେ ଚରମ ସୀମାରେ ପହଞ୍ଚିଛି। ବିଭିନ୍ନ ଲୋଭନୀୟ ଅଫର ସହିତ ମୋବାଇଲକୁ ଆସୁଛି ଭଳିକି ଭଳିକି ମେସେଜ। ମୁଖ୍ୟତଃ ଉପହାର, ହଜାର ହଜାର ଟଙ୍କାର କ୍ୟାସବ୍ୟାକ ଅଫର ଏହି ସବୁ ମେସେଜରେ ରହିଛି। ଯଦି କିଛି ନଦେଖି ଏହି ସବୁ ଲୋଭନୀୟ ଅଫରର ଶିକାର ହୋଇ ଲିଙ୍କ୍ ଉପରେ କ୍ଲିକ୍ କରିବେ ତାହେଲେ ଆକାଉଣ୍ଟ ଖାଲି ହୋଇଯିବାର ସମ୍ଭାବନା ରହିଛି। ଏବେ ଏହିପରି ହଜାର ହଜାର ଲୋକ ଠକେଇର ଶିକାର ହେଉଛନ୍ତି। ଏହାକୁ ନଜରରେ ରଖି ଏସବିଆଇ ବ୍ୟାଙ୍କ ନିଜର ୪୦ କୋଟି ଗ୍ରାହକଙ୍କୁ ସତର୍କ ରହିବା ପାଇଁ ମେସେଜ୍ ପଠାଉଛି। ଏଥିସହ ମେସେଜରେ ଆସୁଥିବା ଲିଙ୍କ୍ ଉପରେ ହଠାତ୍ କ୍ଲିକ୍ ନକରିବା ନେଇ ଗ୍ରାହକଙ୍କୁ ମେସେଜ୍ ପଠାଉଛି ଏସବିଆଇ। ଏସବିଆଇ ଯେଉଁ ମେସେଜ ପଠାଇଛି ସେଥିରେ ଓଟିପି ପିନ୍, ଏଟିଏମ୍ ପଛରେ ଲେଖାହୋଇଥିବା ସିଭିଭି ନମ୍ବର ବାବଦରେ ବ୍ୟାଙ୍କ କେବେ ପଚାରେ ନାହିଁ ବୋଲି କୁହାଯାଇଛି। ଏବେ ଏହି ସବୁ ନମ୍ବର ଜାଣିବା ପାଇଁ ଫୋନ୍ କଲ୍ ଆସୁଛି ହେଲେ ଏହି କଲ୍ ଏସବିଆଇ ବ୍ୟାଙ୍କ୍ ତରଫରୁ ଆସେ ନାହିଁ ବୋଲି ବ୍ୟାଙ୍କ ମେସେଜ ଜରିଆରେ କହିଛି।

**କିଭଳି ଅନ୍ ଲାଇନ ଠକେଇରୁ ବର୍ତ୍ତିବେ**

କେବେ କାହାରିକୁ ବ୍ୟକ୍ତିଗତ ତଥ୍ୟ ଦିଅନ୍ତୁ ନାହିଁ । ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ଼ର ତଥ୍ୟ ଦିଅନ୍ତୁ ନାହିଁ । ଏଟିଏମରୁ ପଇସା ଉଠାଇବା ବେଳେ ଯଦି କେହି ପଛରେ ଛିଡ଼ା ହୋଇଛନ୍ତି ତାହେଲେ ସାବଧାନତାର ସହିତ ପାସୱାର୍ଡ ମାରନ୍ତୁ । ନିଜ କାର୍ଡ଼ ଉପରେ କେବେ ପିନ୍ ଲେଖନ୍ତୁ ନାହିଁ ଜନ୍ମଦିନ ତାରିଖ, ମୋବାଇଲ୍ ନମ୍ବରକୁ ପାସୱାର୍ଡ ଭାବରେ ବ୍ୟବହାର କରନ୍ତୁ ନାହିଁ ପ୍ରତି ତିନି ମାସରେ ପାସୱାର୍ଡ ପରିବର୍ତ୍ତନ କରନ୍ତୁ । ଲୋଭନୀୟ ମେସେଜ କ୍ଲିକ୍ କରିବା ପୂର୍ବରୁ ଭଲ ଭାବରେ ଯାଞ୍ଚ କରନ୍ତୁ ।

## ହ୍ୱାଟସଆପ ଅପଡେଟ୍ ନେଇ ସମୀକ୍ଷା



**ନୂଆଦିଲ୍ଲୀ(ଏଜେନ୍ସି):** ହ୍ୱାଟସଆପ ଅପଡେଟ ନୋଟିଫିକେସନକୁ ନେଇ ବିବାଦ ଉଠିବା ପରେ ସତର୍କ ହୋଇଛନ୍ତି କେନ୍ଦ୍ର ସରକାର। ଯଦିଓ ଜାନୁଆରୀ ୧୩ରେ ହ୍ୱାଟସଆପ ବିଭିନ୍ନ ଜାତୀୟ ଖବରକାଗଜର ପ୍ରଥମ ପୃଷ୍ଠାରେ ବିଜ୍ଞାପନ ଜରିଆରେ ସ୍ପଷ୍ଟୀକରଣ ରଖିଥିଲା ହେଲେ ବିଭିନ୍ନ ଏକ୍ସପର୍ଟ ଏହାକୁ ନେଇ ପ୍ରଶ୍ନ କରିବା ପରେ ଭାରତ ସରକାର ଏହାର ନୋଟିଫିକେସନ ଏବଂ ଅପଡେଟ ପଲିସି ବାବଦରେ ସମୀକ୍ଷା କରୁଛନ୍ତି। ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ଏହା ଜଣାପଡ଼ିଛି। ସୂଚନାଯୋଗ୍ୟ, ଫେବୃଆରୀ ୮ସୁଦ୍ଧା ନୋଟିଫିକେସନ ଉପରେ ସହମତି ପ୍ରକାଶ ନକଲେ ହ୍ୱାଟସଆପ ନିଷ୍କ୍ରିୟ ହୋଇଯିବ। ବିଭିନ୍ନ ହ୍ୱାଟସଆପ ୟୁଜର ନୂଆ ନୋଟିଫିକେସନ ଜରିଆରେ ଆଶଙ୍କା କରିଛନ୍ତି ଯେ ସେମାନଙ୍କର ଗୋପନୀୟତା ଉଲ୍ଲଂଘନ ହୋଇପାରେ। ହ୍ୱାଟସଆପ୍ ନୂଆ ଅପଡେଟରେ ୟୁଜରଙ୍କ ସହ ଜଡିତ ବିଭିନ୍ନ ତଥ୍ୟ ସଂଗ୍ରହ କରି ବ୍ୟବସାୟ କାରବାର କରିବା ପାଇଁ ଚେଷ୍ଟା କରୁଛି। ନୂଆ ଅପଡେଟ ନୀତି ସହମତି ହେବା ପରେ ୟୁଜରଙ୍କ ଲୋକେସନ, ଫୋନ୍ ନମ୍ବର, ଠିକଣା ଏବଂ ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ମେସେଞ୍ଜର ସହିତ ବିଭିନ୍ନ ତଥ୍ୟ ଏକକୀକରଣ କରିବ। ଯାହାକୁ ଭାରତ ସମେତ ଅନେକ ଦେଶ ଏହି ନୂଆ ଅପଡେଟ ବ୍ୟକ୍ତିଗତ ଗୋପନୀୟତାକୁ ଉଲ୍ଲଂଘନ କରୁଥିବା ଦାବି କରିଛନ୍ତି। ଦେଶରେ ଡାଟା ସୁରକ୍ଷାକୁ ନେଇ କୌଣସି ଆଇନ ନାହିଁ। ତେଣୁ ଏଭଳି ପରିସ୍ଥିତିରେ ହ୍ୱାଟସଆପର ନୂଆ ନୀତି ସହ ଜଡିତ ଅନେକ ଦିଗକୁ ଦେଖୁଛନ୍ତି ସରକାର। ଯଦି ଅନ୍ୟ ଦେଶର ଉଦାହରଣ ଦେଖିବା ତାହେଲେ ୟୁରୋପୀୟ ୟୁନିଅନରେ ୟୁଜର ଚୁକ୍ତିରେ ହ୍ୱାଟ୍ସଆପ୍ ଯେଉଁ ପଲିସି ଅପଡେଟ୍ ଆଣିଛି, ତାହା ଭାରତର ଅପଡେଟ ନୋଟିଫିକେସନ ସହିତ ସମାନ ନୁହେଁ।

# ଓଡ଼ିଶା ହାଇକୋର୍ଟ

## କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ସମ୍ପର୍କିତ ମାମଲା
## ଆସନ୍ତା ୨୫ରେ ଶୁଣାଣି

**କଟକ (ଏନ୍.ଏମ୍.):** କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟକୁ ନେଇ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାର ଆଜି ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର୍ ଓ ବିଚାରପତି ସଙ୍ଗମ ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ୨୫ ତାରିଖକୁ ଏହି ମାମଲାର ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି। ପୂର୍ବରୁ ଏହି ମାମଲାରେ ହାଇକୋର୍ଟ ଆଡ୍‌ଭୋକେଟ୍ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ମାମଲା ପରିଚାଳନାରେ ଅଦାଲତଙ୍କୁ ସହଯୋଗ କରିବା ପାଇଁ ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଏନ୍.କେ ମହାନ୍ତିଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରିଥିଲେ। ସେହିପରି ହାଇକୋର୍ଟଙ୍କ ଆଦେଶ ଅନୁସାରେ ଏହି ମାମଲାରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ, କଟକ ମହାନଗର କମିଶନର ଅନନ୍ୟା ଦାସ, ଜାଇକାର ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ପରିଡ଼ା, ଆର୍‌ଏଣ୍ଡବିର ଏସ୍‌ଇ ପ୍ରମୁଖ ଭିଡିଓ କନ୍‌ଫରେନ୍‌ସିଂରେ ଶୁଣାଣିରେ ମଧ୍ୟ ଭାଗ ନେଇଥିଲେ। ହାଇକୋର୍ଟ ମାମଲାର ଶୁଣାଣିବେଳେ ସିଏମସି ସଫେଇ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିବା ସହ କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ପ୍ରସଙ୍ଗ ଓ ଜାଇକାର ମନଇଛା କାର୍ଯ୍ୟ ଓ ଏହାର ବିଳମ୍ବକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ତେବେ କଟକ ସହରରେ ଜାଇକା ଏହାର କାର୍ଯ୍ୟର ଅଗ୍ରଗତି ୮୦ ପ୍ରତିଶତରୁ ଅଧିକ ବୋଲି ସତ୍ୟପାଠରେ ଦର୍ଶାଇଛି। ଅନ୍ୟପକ୍ଷରେ ଜାଇକା ତାର ଶତ ପ୍ରତିଶତ ଚେଷ୍ଟା ଚଳାଇଛି ଏବଂ ଯେତେ ଶିଘ୍ର କାର୍ଯ୍ୟ ଶେଷ ହେବ ବୋଲି ସତ୍ୟପାଠରେ କହିଛି। କଟକ ସହରର ବିପର୍ଯ୍ୟସ୍ତ ରାସ୍ତା ତୁରନ୍ତ ମରାମତି କରିବାକୁ ହାଇକୋର୍ଟ ଆର୍‌ଏଣ୍ଡବି ଏବଂ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ କାର୍ଯ୍ୟର ଅଗ୍ରଗତି ନେଇ ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ସୂଚନା ଯୋଗ୍ୟ ଯେ, କଟକ ସହରରେ ସବୁ ରାସ୍ତାରେ ଖାଲଖମା ଭର୍ତ୍ତି ହେବା ସହ ଶୋଚନୀୟ ହୋଇପଡିଥିଲେ ମଧ୍ୟ ଏଥିପ୍ରତି ମହାନଗର ନିଗମ ଦୃଷ୍ଟି ଦେଉନଥିବା ଅଭିଯୋଗ କରାଯାଇଛି। ବିପର୍ଯ୍ୟସ୍ତ ରାସ୍ତାଘାଟ ସହିତ ଷ୍ଟ୍ରିଟ୍ ଲାଇଟ୍ ଅବସ୍ଥା ମଧ୍ୟ ତାଠାରୁ ଅଧିକ ବୋଲି ଦର୍ଶାଯାଇଛି। ଏହି ପ୍ରସଙ୍ଗରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ହାଇକୋର୍ଟ ସିଏମସିକୁ ପୂର୍ବରୁ ନୋଟିସ୍ ଜାରି କରିଥିଲେ। ସେହିପରି ଆଇନଜୀବୀ ପଦ୍ମାଳୟା ମହାପାତ୍ରଙ୍କ ପକ୍ଷରୁ ଅନୁରୂପ ଭାବେ ଏହି ପ୍ରସଙ୍ଗରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହାର ଶୁଣାଣି କରି ଅଦାଲତ ଉପରୋକ୍ତ ପ୍ରସଙ୍ଗରେ ସମସ୍ତ ପ୍ରତିପକ୍ଷଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। ଏଥିରେ ରାସ୍ତାଘାଟ ମରାମତି ପ୍ରସଙ୍ଗରେ କିଭଳି ପଦକ୍ଷେପ ଗ୍ରହଣ ନିଆଯାଇଛି ସେ ସମ୍ପର୍କରେ ସତ୍ୟପାଠରେ ଦର୍ଶାଇବାକୁ କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ରୁଜୁ ମାମଲାରେ ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଥିବା ଦର୍ଶାଇ ଏହାର ମରାମତି ତୁରନ୍ତ ଆବଶ୍ୟକ ବୋଲି କୁହାଯାଇଥିଲା।

## ସିଇଟିରେ ଏମ୍-ଟେକ୍ ପାଠ୍ୟକ୍ରମରେ ଆବେଦନ ପ୍ରସଙ୍ଗ
## ନାମଲେଖା ପାଇଁ ସୁଯୋଗ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ସିଇଟିରେ ଏମ୍-ଟେକ୍ ପାଠ୍ୟକ୍ରମରେ ଆବେଦନ ପ୍ରସଙ୍ଗରେ ଛାତ୍ରଙ୍କୁ ନାମଲେଖା ପାଇଁ ସୁଯୋଗ ଦେବାକୁ ଓଜେଇଇ ଅଧ୍ୟକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଜାଗୃତିରଞ୍ଜନ ମିଶ୍ରଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ସଞ୍ଜୁ ପଣ୍ଡା ଓ ନ୍ୟାୟମୂର୍ତ୍ତି ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କୁ ନାମଲେଖା ପାଇଁ ସୁଯୋଗ ଦେବାକୁ ଓଜେଇଇ ଅଧ୍ୟକ୍ଷଙ୍କୁ ହାଇକୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଘାଟିକିଆସ୍ଥିତ କଲେଜ ଅଫ୍ ଇଂଜନିୟରିଂ ଆଣ୍ଡ ଟେକନୋଲୋଜି(ସିଇଟି)ରେ ଏମ୍.ଟେକ୍. ବାୟୋଟେକନୋଲୋଜି ପାଠ୍ୟକ୍ରମରେ ୧୦ ଦିନ ଭିତରେ ଆବେଦନକାରୀଙ୍କୁ ନାମଲେଖା ବ୍ୟବସ୍ଥା କରିବାକୁ ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉକି, ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)ରେ ଛାତ୍ର ଜଣକ ସଫଳତା ପାଇଥିଲେ ମଧ୍ୟ ବିଳମ୍ବରେ ବି-ଟେକ୍ ପରୀକ୍ଷାଫଳ ପ୍ରକାଶ ପାଇଥିବାରୁ ସେ ତାଙ୍କ ସାର୍ଟିଫିକେଟ୍ ସିଇଟିରେ ଦାଖଲ କରିପାରିନଥିଲେ। ଫଳରେ ସେ ନାମଲେଖା ପ୍ରକ୍ରିୟାକୁ ବାଦ୍ ପଡିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଣଜିତ ସାମଲ ଓ ଶର୍ମିଷ୍ଠା ସାମଲ ମାମଲା ପରିଚାଳନା କରୁଥିଲେ।

### ଚଳିତ ମାସର ସବୁ ଶନିବାର ହାଇକୋର୍ଟ ବନ୍ଦ

**କଟକ(ଏନ୍.ଏମ୍.):** ଚଳିତ ଫେବୃୟାରୀ ମାସର ପ୍ରତି ଶନିବାର ହାଇକୋର୍ଟ ଓ ଏହାର କାର୍ଯ୍ୟାଳୟ ବନ୍ଦ ରହିବ। ଫେବୃୟାରୀ ମାସର କାର୍ଯ୍ୟଦିବସ ଥିବା ସମସ୍ତ ଶନିବାର ଦିନ ରାଜ୍ୟର ସମସ୍ତ ହାଇକୋର୍ଟ ସମେତ ନିମ୍ନ ଅଦାଲତ, ଟ୍ରିବ୍ୟୁନାଲ ଓ ଏହାର କାର୍ଯ୍ୟାଳୟ ବନ୍ଦ ରହିବ। ଏ ସମ୍ପର୍କରେ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ ହାଇକୋର୍ଟ ରେଜିଷ୍ଟ୍ରାର୍ ପକ୍ଷରୁ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଛି।

## ସ୍କୁଲ ଫି' ଛାଡ଼ ମାମଲାରେ ଜାନୁୟାରୀ ୧୯ବିଜ୍ଞପ୍ତିକୁ ଚାଲେଞ୍ଜ
## ଆଇନ ଅନୁସାରେ ନିଷ୍ପତ୍ତି ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.):** ସ୍କୁଲ ଫି' ଛାଡ ମାମଲାର ହାଇକୋର୍ଟ ଓଏମ୍‌ୟୁକୁ ଗୁରୁତ୍ୱାରୋପ କରିଥିବାବେଳେ ଗତ ଜାନୁୟାରୀ ୧୯ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ଅଦାଲତରେ ଚାଲେଞ୍ଜ୍ କରାଯାଇଛି । ରୁଜୁ ମାମଲାରେ ପ୍ରକାଶିତ ବିଜ୍ଞପ୍ତିର ବୈଧତାକୁ ଆଇସିଏସ୍‌ସି ପକ୍ଷରୁ ଚାଲେଞ୍ଜ୍ କରାଯାଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର୍ ଓ ବିଚାରପତି ଏସ୍. ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇସିଏସ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜାନୁୟାରୀ ୧୯ର ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ଭାବେ ରହିଥିବା ସମସ୍ୟା ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରିବାକୁ କହିଛନ୍ତି। ଏପରି ଅଭିଯୋଗପତ୍ର ଆଧାରରେ ରାଜ୍ୟ ସରକାର ୨ ସପ୍ତାହ ମଧ୍ୟରେ ଆଇନ ଅନୁସାରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ତେବେ ଉକ୍ତ ନିଷ୍ପତ୍ତି ସମ୍ପର୍କରେ ରାଜ୍ୟ ସରକାର ଆବେଦନକାରୀଙ୍କୁ ଅବଗତ କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ହାଇକୋର୍ଟରେ ମାମଲାର ଶୁଣାଣିବେଳେ ଆବେଦନକାରୀ ସ୍କୁଲ୍ ପକ୍ଷରୁ ଶ୍ରୀ ପଣ୍ଡା ମାମଲା ପରିଚାଳନା କରୁଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ମାମଲା ପରିଚାଳନା କରୁଥିଲେ।

ସୂଚନା ଯୋଗ୍ୟ ଯେ, ସ୍କୁଲ ଫି' ଛାଡ ମାମଲାରେ ଗତ ଜାନୁୟାରୀ ମାସ ୭ ତାରିଖରେ ହାଇକୋର୍ଟ ଏ ସମ୍ପର୍କିତ ସମସ୍ତ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଏହା ପରେ ହାଇକୋର୍ଟ ପ୍ରକାଶିତ ରାୟରେ ଫି' ଛାଡ଼ ପ୍ରସଙ୍ଗରେ ସ୍ୱାକ୍ଷରିତ ଏମଓୟୁ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ଯେଉଁମାନେ ଉକ୍ତ ଏମଓୟୁକୁ ବିରୋଧ କରୁଛନ୍ତି ସେମାନେ ଚାହିଁଲେ ଏ ସମ୍ପର୍କରେ ପୃଥକ ପୃଥକ ଭାବେ ହାଇକୋର୍ଟରେ ମାମଲା ରୁଜୁ କରିପାରିବେ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ପରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଗତ ଜାନୁୟାରୀ ୧୯ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ପ୍ରକାଶିତ ବିଜ୍ଞପ୍ତିରେ ଓଏମ୍‌ୟୁକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ଉକ୍ତ ୧୯ତାରିଖର ବିଜ୍ଞପ୍ତିର ଆଇନଗତ ବୈଧତାକୁ ହାଇକୋର୍ଟରେ ଚାଲେଞ୍ଜ୍ କରାଯାଇଥିଲା।

### କଟକର ନାମିତ ଅଦାଲତରେ ସିଦ୍ଧ ମହାପୁରୁଷ ମନି ସୋସାଇଟି ମାମଲା
## ୭ ଆସାମୀଙ୍କୁ ୭ ବର୍ଷ ଦଣ୍ଡାଦେଶ ସହ ୫ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** କଟକର ନାମିତ ଅଦାଲତରେ ସିଦ୍ଧ ମହାପୁରୁଷ ମନି ସୋସାଇଟି ଚିଟଫଣ୍ଡ ଘଟଣାରେ ରୁଜୁ ଦୁଇଟି ପୃଥକ ପୃଥକ ମାମଲାରେ ୭ଜଣ ଆସାମୀଙ୍କୁ ୭ ବର୍ଷ ସଶ୍ରମ ଦଣ୍ଡାଦେଶ ସହ ୫ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। କଟକର ନାମିତ ଅଦାଲତ କେନ୍ଦ୍ରାପଡାର ନିକିରାଇ ଥାନାରେ ରୁଜୁ ହୋଇଥିବା ମାମଲା ୧୨/୨୦୧୭ ଆଧାରରେ ଆସାମୀ ଭାଗ୍ୟବତୀ ରାଉତ ଓ ଦୁର୍ଯ୍ୟୋଧନ ଭୂୟାଁଙ୍କୁ ଆଇପିସିର ୪୨୦ ଆଧାରରେ ଉଭୟଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହିତ ସେମାନଙ୍କୁ ୧୦ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ସେହିପରି ପ୍ରାଇସ୍ ଚିଟ୍ ଏଣ୍ଡ ମନି ସର୍କ୍ୟୁଲେସନ୍ ସ୍କିମ୍‌ସ ( ବ୍ୟାନିଂ) ଆଇନ ଆଧାରରେ ଉଭୟଙ୍କୁ ୨ ବର୍ଷର ମଧ୍ୟ ସଶ୍ରମ କାରଦଣ୍ଡ ଆଦେଶ ହୋଇଛି। ଉଭୟ ଦଣ୍ଡାଦେଶ ଏକତ୍ର ଲାଗୁହେବ ବୋଲି ଅଦାଲତ ତାଙ୍କ ଆଦେଶରେ କହିଛନ୍ତି। ସେହିପରି ଏହି ମାମଲାରେ ଆସାମୀ ଜୀବନଦ୍ୱୀପ୍ ରାଉତଙ୍କୁ ୭ବର୍ଷର ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ସହ ୫ ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରିବାକୁ ଆଦେଶ ହୋଇଛି। ତାଙ୍କୁ ଓପିଆଇଡି ଆଇନର ୭ ଧାରାରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରିବାକୁ ଆଦେଶ ହୋଇଛି। ସେହିପରି ଜୀବନଦ୍ୱୀପକୁ ପ୍ରାଇସ୍ ଚିଟ୍ ଏଣ୍ଡ ମନି ସର୍କ୍ୟୁଲେସନ୍ ସ୍କିମ୍‌ସ (ବ୍ୟାନିଂ) ଆଇନ ଆଧାରରେ ୨ବର୍ଷର ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ ନାରାୟଣ ମଲ୍ଲ ଏତଲାକାରୀ ଥିବାବେଳେ କଟକର ନାମିତ ଅଦାଲତରେ ମାମଲାର ଶୁଣାଣିବେଳେ ୧୩ ଜଣଙ୍କର ସାକ୍ଷ୍ୟଗ୍ରହଣ ହୋଇଥିଲା। ଅନ୍ୟପକ୍ଷରେ ନିକିରାଇ ଥାନାରେ ରୁଜୁ ୭୩/୨୦୧୬ ମାମଲାରେ ଆସାମୀ ଲକ୍ଷ୍ମୀପ୍ରିୟା ରାଉତ, ମିତାଞ୍ଜଳି ରାଉତ, ସଞ୍ଜୀବ୍ ରାଉତ, ମନୋଜ ଲେଙ୍କା ପ୍ରମୁଖଙ୍କୁ ଆଇପିସିର ୪୨୦ ଆଧାରରେ ୭ବର୍ଷର ସଶ୍ରମ କାରଦଣ୍ଡ ସହ ୫ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ଉପରୋକ୍ତ ଆସାମୀମାନଙ୍କୁ ଓପିଆଇଡି ଆଇନର ୬ ଧାରାରେ ୭ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ପ୍ରାଇସ୍ ଚିଟ୍ ଏଣ୍ଡ ମନି ସର୍କ୍ୟୁଲେସନ୍ ସ୍କିମ୍‌ସ (ବ୍ୟାନିଂ) ଆଇନର ୪/୫ ଧାରା ଆଧାରରେ ମଧ୍ୟ କଟକର ନାମିତ ଅଦାଲତ ଉପରୋକ୍ତ ଆସାମୀମାନଙ୍କୁ ୨ବର୍ଷର ସଶ୍ରମ କାରଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି। ଏହି ସମସ୍ତ ଦଣ୍ଡାଦେଶ ଏକତ୍ର ଲାଗୁହେବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ନିକିରାଇ ଥାନାର ୭୩/୨୦୧୬ ମାମଲାରେ ଗୁରୁଚରଣ ରାଉତ ଥିଲେ ଏତଲାକାରୀ। ଏହି ମାମଲାରେ ମୋଟ ୧୩ ଜଣଙ୍କ ସାକ୍ଷ୍ୟଗ୍ରହଣ ହୋଇଥିଲା। କଟକର ନାମିତ ଅଦାଲତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉପରୋକ୍ତ ୨ଟି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ମହାନ୍ତି ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ୍ ମହାପାତ୍ର ପରିଚାଳନା କରୁଥିଲେ। କଟକର ନାମିତ ଅଦାଲତରେ ୧୭ଟି ସମ୍ପତ୍ତି ବାଜ୍ୟାପ୍ତ ମାମଲାର ରାୟ ପ୍ରକାଶ ପାଇଥିବାବେଳ ସିଦ୍ଧ ମହାପୁରୁଷ ମନି ସୋସାଇଟିକୁ ମିଶାଇ ୩ଟି ଅପରାଧିକ ମାମଲାରେ ଦଣ୍ଡାଦେଶ ହୋଇଛି।

ସୂଚନାଥାଉକି କେନ୍ଦ୍ରାପଡା ଜିଲ୍ଲାରେ ସିଦ୍ଧ ମହାପୁରୁଷ ମନି ସୋସାଇଟି ଚିଟ୍‌ଫଣ୍ଡ ସଂସ୍ଥା ଲୋକଙ୍କୁ ସ୍ୱଳ୍ପ ସମୟରେ ସେମାନଙ୍କ ଅର୍ଥକୁ ଦୁଇଗୁଣା କରିବା, ଲୋନ୍ ଦେବା ଲୋଭ ଦେଖାଇ ଲୋକଙ୍କ ନିକଟରୁ ୪ କୋଟି ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରିଥିଲା।

ନିଷ୍କର୍ଷ
NISHKARSHA




# ସମାଜର ଦୋଛକିରେ ସମ୍ବାଦ ଓ ସାମ୍ବାଦିକତା

ସମ୍ପ୍ରତି ସମ୍ବାଦ ଓ ସାମ୍ବାଦିକତାକୁ ନେଇ ଏକ ଆହ୍ୱାନ ସୃଷ୍ଟି ହୋଇଛି । ଗଣମାଧ୍ୟମକୁ ସରକାର ଓ ପ୍ରଶାସନ ନିଜ ଇଚ୍ଛାନୁଯାୟୀ ବ୍ୟବହାର କରିବାକୁ ଉଦ୍ୟମ ଚଳାଇଛନ୍ତି । ଯାହା ଗଣତନ୍ତ୍ର ପାଇଁ ବିପଦଜ୍ଜନକ ପରିସ୍ଥିତି ଆଣିବାର ଆଶଙ୍କା ସୃଷ୍ଟି ହୋଇଛି । ଗଣତନ୍ତ୍ରକୁ ଅଧିକ କ୍ରିୟାଶୀଳ କରିଥାଏ ଗଣମାଧ୍ୟମ । ଏହା ଦ୍ୱାରା ସାଧାରଣ ଜନତାଙ୍କ ସ୍ୱର ସରକାର ଓ ପ୍ରଶାସନ ନିକଟରେ ପହଞ୍ଚୁଥିବାବେଳେ ସରକାର ଓ ପ୍ରଶାସନର ବାର୍ତ୍ତାକୁ ମଧ୍ୟ ଜନସାଧାରଣଙ୍କ ନିକଟରେ ପହଞ୍ଚାଇଥାଏ । ହେଲେ ଏବେ ଗଣମାଧ୍ୟମରେ କେତେକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗଣମାଧ୍ୟମ ଏବେ ୨ଟି ପର୍ଯ୍ୟାୟରେ ବିଭକ୍ତ ହୋଇଥିବାବେଳେ ସରକାର ସପକ୍ଷବାଦୀ ଓ ବିପକ୍ଷବାଦୀ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି । ଯାହା ସମାଜ ପାଇଁ କ୍ଷତିକାରକ । ଗଣମାଧ୍ୟମ ସର୍ବଦା ଆଇନା ଭଳି ସ୍ୱଚ୍ଛ ହେଲେ ସମାଜ ଓ ସରକାର ଉଭୟଙ୍କୁ ପ୍ରତିଫଳନ କରିଥାଏ । ଅତଏବ ସୁସ୍ଥ ସମାଜ ଗଠନ ଦିଗରେ ରହିଥିବା ସମସ୍ୟାର ସମାଧାନ ହେବାରେ ସହଜ ହୋଇଥାଏ । ମାତ୍ର ନିମ୍ବ ପିତା ହେଲେବି ଦେହକୁ ହିତ ନ୍ୟାୟରେ ଗଣମାଧ୍ୟମର କଟାକ୍ଷକୁ ସରକାର ଓ ପ୍ରଶାସନ ଗ୍ରହଣ କରିବା ସହ ନୀତି ଓ ନିୟମକୁ ପରିମାର୍ଜିତ ହେଲେ ଅବଶ୍ୟ ଏହା ଜନକଲ୍ୟାଣରେ ଲାଗି ପାରିବ । ମାତ୍ର ଏବେ ଏଥିରେ ପ୍ରବଳ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗଣମାଧ୍ୟମକୁ ନିଜ ଆୟତ୍ତରେ ରଖି ବ୍ୟବହାର କରିବା ଦ୍ୱାରା ଗଣମାଧ୍ୟମ ନିଜର କକ୍ଷପଥରୁ ଦୂରେଇ ଯାଉଛି । ଯାହାଫଳରେ ସମ୍ବାଦ ଓ ସାମ୍ବାଦିକତାରେ ନିରପେକ୍ଷତା ମଧ୍ୟ ହଜିବାକୁ ବସିଛି ।

ଅନ୍ୟପକ୍ଷରେ ନିରପେକ୍ଷତା ଏକ ଆପେକ୍ଷିକ ସତ୍ୟ । ସ୍ଥାନ, କାଳ, ପାତ୍ର ବିଶେଷରେ ନିରପେକ୍ଷତାର ସଂଜ୍ଞା ବଦଳିଯାଏ । ସମ୍ବାଦ ସବୁବେଳେ ନିରପେକ୍ଷ ହୋଇ ରହିବା ସମ୍ଭବ ନୁହେଁ । କିନ୍ତୁ ସାମ୍ବିକତାର ମତ ଅନୁସାରେ ଏହା ନିରପେକ୍ଷ ହେବା ଉଚିତ । କାରଣ ନିରପେକ୍ଷତା ସହିତ ଏହାର ବିଶେଷ ମହତ୍ୱ ଜଡ଼ିତ । ପୁନଶ୍ଚ ସମୟ ସବୁବେଳେ ସମ୍ବାଦ ଓ ସାମ୍ବାଦିକତାର ପରୀକ୍ଷା ନିଏ । ଏହି ପରୀକ୍ଷାରେ ଯେଉଁ ସମ୍ବାଦ ଉତ୍ତୀର୍ଣ୍ଣ ହୁଏ ତାହା କାଳଜୟୀ ହୋଇଥାଏ । ତେବେ ସମାଜ ଓ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାବେଳେ ଏହା ସମସ୍ତ ସାମ୍ବାଦିକଙ୍କର ଧ୍ୟେୟ ହେବା ଆବଶ୍ୟକ । ସାମାନ୍ୟ ସ୍ୱାର୍ଥ ପାଇଁ ଗଣମାଧ୍ୟମକୁ ବଜାରରେ ନିଲାମ ନକରି ଏହାର ଧର୍ମ ଓ ମୌଳିକତାର ବଜାୟ ରଖିବା ଜରୁରୀ । ନଚେତ ସମ୍ବାଦ ଓ ସାମ୍ବାଦିକତା ସମାଜ ଗଠନର ଦୋଛକିରେ ରହିଯିବ । ଫଳରେ ସମାଜର ହିତ ବଦଳରେ ଅହିତ ସୃଷ୍ଟି କରିବ । ଅନ୍ୟପକ୍ଷରେ ବିଭିନ୍ନ କ୍ଷେତ୍ରରେ ସାମ୍ବାଦିକମାନଙ୍କୁ ଆକ୍ରମଣ କରାଯାଇ ଗଣମାଧ୍ୟମର କଣ୍ଠରୋଧ କରାଯାଉଛି । ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଗଣତନ୍ତ୍ରର ଜାଗ୍ରତ ପହରୀ ସାଜିଥିବା ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାରଙ୍କ ନିଘା ନଥିବା ଭଳି ଲାଗେ । ଯାହା ଭବିଷ୍ୟତ ପାଇଁ ଅହିତକର ।

## କବିତା ଗୁଚ୍ଛ

### ଚନ୍ଦ୍ର ମଲ୍ଲୀ

ଝରିଯାଉଥିବା ଫୁଲ ମାନଙ୍କର ଦୁଃଖରେ
ବସୁଧା ବିଦୀର୍ଣ୍ଣ ହେବା ଆଗରୁ
ଆମେ ପରସ୍ପରକୁ ପରଖିନେବା
ଶେଷ ଥର ପାଇଁ ଚନ୍ଦ୍ର ମଲ୍ଲୀ !
ହୃଦପଦ୍ମର ପବିତ୍ର ପାଖୁଡ଼ାମାନଙ୍କୁ
ସମ୍ଭାଳି ନେବା ଭଲକରି ।
ଆସ୍ଥାର ଆକାଶ ଆଖିରୁ ନିଗୁଡୁଥିବା ଲୁହ
ଏବେ ରକ୍ତନଦୀ ହୋଇ ସଞ୍ଚରିଗଲାଣି ।
ରାସ୍ତା ଘାଟ ନଦୀ ପଠା ବୁଦାମୂଳ
ସବୁଠି ଚିହ୍ନା ଅଚିହ୍ନା ଶ୍ୱମାନଙ୍କର ଭିଡ ।
ସାପଗାତରେ ପାଉଁଜି ହଜାଇଥିବା
ଫୁଲମାନେ ଏବେ ଖୁବ୍ ସନ୍ତ୍ରସ୍ତ ।
ପାଦ ଉଠେଇଲେ ଧସି ଯାଉଛି ମାଟି
ମମତାର ମଖମଲି ଶେଜରେ
କାଳକୁଟ ବିଷର ବଳୟ ।
କାହାକୁ ଭରସା କରିବୁ ଚନ୍ଦ୍ର ମଲ୍ଲୀ !
ପ୍ରେମର ପ୍ରଦୀପ ଗର୍ଭରେ
ପାପର ସଳିତା କାୟା ବିସ୍ତାରୁଚି ।
ବାସନାର ତେଲ ପିଇ ପ୍ରବୃତ୍ତି ନିଆଁ
ଲେଲିହାନ ଶିଖା ତୋଳିଲାଣି ।
ଆ ଆମେ ଭୁଲି ସବୁ ମାନ ଅଭିମାନ
ପ୍ରେମର ଈଶ୍ୱର ଈଶ୍ୱରୀ ହୋଇଯିବା ।
ସବୁରି ଅନ୍ତରରୁ ପୋଛି ଦେଇ
କାମନାର କଲୁଷ କାଳିମା
ଅମୃତର ଆହ୍ଲାଦରେ ବିଶ୍ୱ ଭରି ଦେବା ।

- ବାସନ୍ତୀ ମହାନ୍ତି
ନୟାପଲ୍ଲୀ ଭୁବନେଶ୍ୱର, ମୋବାଇଲ ନମ୍ବର-୯୪୩୭୦୩୩୦୭୪

# ଗୋଡ଼ାଣିଆ ନେତା, ଚାଟୁକାର ଅଧିକାରୀ


ସୌଭାଗ୍ୟ ସୁନ୍ଦରରାୟ

କଥାଟିଏ ଅଛି ଚେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ? ଏକଥାର ମର୍ମ କଟକ ସହରର ଶ୍ରୀବୃଦ୍ଧି ସାଧନ ଧାରାରୁ ବେଶ ବାରି ହୋଇପଡ଼େ । କଟକ ସହରର ବିକାଶ ପାଇଁ ବିଗତ ଦିନରେ ଏକାଧିକ ବୃହତ ଯୋଜନାର ପରିକଳ୍ପନା କରାଯାଇଛି । ଏହି କାର୍ଯ୍ୟ ନିମନ୍ତେ ବାରମ୍ବାର ଘୋଷଣା ମଧ୍ୟ କରାଯାଇଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଇଛି କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବିଳମ୍ବ ଘଟିଚାଲିଛି ବା ଅନେକ ସ୍ଥାନରେ ଯୋଜନାଟି ଘୋଷଣା ମଧ୍ୟରେ ରହିଯାଇଛି । ଏପ୍ରକାର ଶ୍ରୀବୃଦ୍ଧି ସାଧନର ସଦ୍ୟତମ ଉଦାହରଣ ଦେଖିବାକୁ ମିଳୁଛି କଟକର ନୂଆ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ଯୋଜନାରୁ । ଐତିହ୍ୟସମ୍ପନ୍ନ କଟକ ସହରର ବସଷ୍ଟାଣ୍ଡଟି ଏବେ ବାଦାମବାଡ଼ି ଅଞ୍ଚଳରେ ରହିଛି । ଏ ଅଞ୍ଚଳରେ ଗୋଟିଏ ବସଷ୍ଟାଣ୍ଡ ନୁହେଁ ୩ଟି ବସଷ୍ଟାଣ୍ଡ ରହିଛି । ପ୍ରମୁଖ ବସଷ୍ଟାଣ୍ଡକୁ ସରକାରୀ ବସଷ୍ଟାଣ୍ଡ କୁହାଯାଉଥିବାବେଳେ ଆଉ ଦୁଇଟି ସ୍ଥାନରୁ ମଧ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଘରୋଇ ବସ ଚଳାଚଳ କରିଥାଏ । ଫଳରେ ଦୈନିକ ଅନୁନ୍ୟ ୫୦୦ ବସ୍ ବାଦାମବାଡ଼ି ଅଞ୍ଚଳରେ ଚଳପ୍ରଚଳ କରିଥାଏ ଓ ଶହଶହ ଯାତ୍ରୀ ଆତଯାତ କରିଥାନ୍ତି । ଏହି କାରଣରୁ ଏ ଅଞ୍ଚଳଟିରେ ପ୍ରବଳ ଜନଗହଳି ହୋଇଥାଏ । ଅତ୍ୟଧିକ ଗହଳି ବହୁ ସମୟରେ ଦୁର୍ଘଟଣା ମଧ୍ୟ ଘଟିଥାଏ । ଏହି ଅବସ୍ଥାରେ ଲାଘବ ଆଣିବା ପାଇଁ ଏକ ନୂଆ ବସଷ୍ଟାଣ୍ଡ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

ବର୍ତ୍ତମାନର ବାଦାମବାଡ଼ି ମୁଖ୍ୟ ବସ୍ଷ୍ଟାଣ୍ଡ ଚାନ୍ଦିନଚୌକ ଅଞ୍ଚଳରୁ ସ୍ଥାନାନ୍ତର ହୁଏ ୧୯୭୫ ମସିହା ବେଳକୁ । ଇତିମଧ୍ୟରେ ଚାରି ଦଶନ୍ଧିରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଛି । ଜନସଂଖ୍ୟା ଓ ଗାଡ଼ି ସଂଖ୍ୟାରେ ବୃଦ୍ଧି ପାଇଛି । ବର୍ଦ୍ଧିତ ଜନସଂଖ୍ୟା ଓ ଗାଡ଼ି ସଂଖ୍ୟା ସମ୍ଭାଳିବାରେ ବର୍ତ୍ତମାନର ବସଷ୍ଟାଣ୍ଡ ଅଞ୍ଚଳରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ । ଏହି କାରଣରୁ ଏକ ନୂତନ ଅତ୍ୟାଧୁନିକ ବସ୍ଷ୍ଟାଣ୍ଡର ଆବଶ୍ୟକତା ରହିଥିବା ଦର୍ଶାଇ ବସଷ୍ଟାଣ୍ଡକୁ ମାତ୍ର ୫୦୦ ମିଟର ଦୂର ସ୍ଥାନାନ୍ତର ନିମନ୍ତେ ଯୋଜନା କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । କେବଳ ସ୍ଥାନର ନାମ ପରିବର୍ତ୍ତନ କରାଯାଇ ଏହାକୁ ବାଦାମବାଡ଼ି ପରିବର୍ତ୍ତେ ଖାନନଗର ଟର୍ମିନାଲ କୁହାଯାଉଛି । ବସଷ୍ଟାଣ୍ଡ ପରି ଏକ ଜନ ଉପଯୋଗୀ ପ୍ରକଳ୍ପକୁ ମାତ୍ର ୫୦୦ ମିଟର ଦୂରକୁ ସ୍ଥାନାନ୍ତର କଲେ କିପରି ପୂର୍ବ ସମସ୍ୟାର ସମାଧାନ ହୋଇପାରିବ ତାହା ବୁଝାପଡୁ ନାହିଁ । ଖାନନଗର ଏକ ଜନବସତି ଅଞ୍ଚଳ । ଏଠାରେ ୧୨ ଏକର ଜମିରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା କରାଯାଇଛି । ଅଞ୍ଚଳର ଗୋଟିଏ ପାର୍ଶ୍ୱକୁ କାଠଯୋଡ଼ି ନଦୀ ଲାଗିଥିବାବେଳେ ଅନ୍ୟ ୩ ପାର୍ଶ୍ୱ ଘରୋଇ ଜନବସତି ଅଞ୍ଚଳ । ସଂପ୍ରତି ଚିହ୍ନିତ ସ୍ଥାନରେ କଟକ ମହାନଗର ନିଗମର ଏକ ବୃହତ କାର୍ଯ୍ୟାଳୟ ରହିଛି । ଏକ ବିଦ୍ୟାଳୟ, ଚାରା ପ୍ରସ୍ତୁତି କେନ୍ଦ୍ର, ପାଠାଗାର, ରାତ୍ରି ଆଶ୍ରୟ ସ୍ଥଳ, କିଛି ସରକାରୀ ବାସଗୃହ, ସର୍ବସାଧାରଣ ପାର୍କ, ଦାହ ସଂସ୍କାର ପାଇଁ ଗ୍ୟାସ, ବିଦ୍ୟୁତ ଓ କାଠ ଚୁଲା ଶ୍ମଶାନ ରହିଛି । କେତେକ ମନ୍ଦିର ମଧ୍ୟ ରହିଛି । ଏସମସ୍ତ ସମ୍ପତ୍ତିର ମୂଲ୍ୟ ଅନ୍ୟୁନ ୧୦୦ କୋଟି ଟଙ୍କା ହେବ । ଏହି ନିର୍ମାଣଗୁଡ଼ିକୁ ଭଙ୍ଗାଯାଇ ନୂଆ ବସଷ୍ଟାଣ୍ଡର ପରିକଳ୍ପନା କରାଯାଇଛି । ଏସବୁ ପରିପ୍ରେକ୍ଷୀରେ ଏକବିଂଶ ଶତାବ୍ଦୀର ଏକ ବସଷ୍ଟାଣ୍ଡ ନିମନ୍ତେ ଭୌଗଳିକ ଦୃଷ୍ଟିକୋଣରୁ ଏହି ସ୍ଥାନଟି ଅନୁପଯୁକ୍ତ ବୋଲି କଟକ ସାଂସଦ ଭର୍ତ୍ତୃହରି ମହତାବ ଏହି ପ୍ରକଳ୍ପ ଉପରେ ପ୍ରତିକ୍ରିୟା ରଖି ଯାହା କହିଛନ୍ତି ତାହା ବାସ୍ତବରେ ଠିକ୍ । ପ୍ରକଳ୍ପ ଠିକା ନେଇଥିବା ସରକାରୀ ଉଦ୍ୟୋଗ ଓବିସିସି ଇତିମଧ୍ୟରେ କେତେକ କୋଠା ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଉଚ୍ଛେଦ ସମୟରେ ଜଣାପଡ଼ିଲା ଏଠାରେ କିଛି ପରିମାଣର ବେସରକାରୀ ଜମି ମଧ୍ୟ ରହିଛି । ଏହି ଜମି ସତ୍ତ୍ୱାଧିକାରୀ ଏହା ଉପରେ ଅଦାଲତରୁ ରହିତାଦେଶ ଆଣିଛନ୍ତି । ରହିତାଦେଶ ମିଳିବାପରେ ଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଥିଲେ ଜିଲ୍ଲାପାଳ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ । ମାତାଙ୍କ ବିୟୋଗରେ ମଧ୍ୟ ସେ ଛୁଟି ନନେଇ ନିଜର ସରକାରୀ ଦାୟିତ୍ୱ ନିର୍ବାହ କରିଥିବା ନଜିର ରହିଛି । ଏପରି ଜଣେ ଦାୟିତ୍ୱବାନ୍ ଜିଲ୍ଲାପାଳ କଣ ଶିଳାନ୍ୟାସ ପୂର୍ବରୁ ଜାଣିନଥିଲେ ଯେ ଉକ୍ତ ସ୍ଥାନରେ ଘରୋଇ ଜମି ରହିଛି ଏବଂ ଏହା ଅଧିଗ୍ରହଣ କରିବା ପାଇଁ ପଡ଼ିବ । ଶିଳାନ୍ୟାସ ପୂର୍ବରୁ ସମ୍ପୂର୍ଣ୍ଣ ଜମି ସରକାର ଦଖଲକୁ ନନେଲେ କାହିଁକି ? ଏହାର କେତେକ କାରଣ ଥିବା ମନେ ହୁଏ । ପ୍ରଥମତଃ ଉପରିସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଘଟଣାରେ 'ହଁ' ମାରିଥିବା ମନେ ହୁଏ । ବାସ୍ତବତା ଜାଣି ମଧ୍ୟ ୫ଟି ବ୍ୟବସ୍ଥାରେ ଜନସାଧାରଣଙ୍କୁ ସହର ବିକାଶର ସୁନେଲି ସ୍ୱପ୍ନ ଦେଖାଇବା ପାଇଁ ପ୍ରରୋଚିତ ହୋଇଛନ୍ତି । ଆଗକୁ ପୌର ନିର୍ବାଚନ ରହିଛି । ୨୦୨୦ ମସିହାରେ ସ୍ୱାୟତ୍ତ ଶାସନ ଦିବସରେ ଶିଳାନ୍ୟାସ ବା ଉଦ୍ଘାଟନ ପର୍ବ ହୋଇପାରି ନାହିଁ । ତେଣୁ ପୌର ନିର୍ବାଚନ ପାଇଁ ବସଷ୍ଟାଣ୍ଡ ଶିଳାନ୍ୟାସକୁ ଏକ ପ୍ରସ୍ତୁତି ଭାବେ ଗ୍ରହଣ କରାଯାଇପାରେ । ଚିହ୍ନଟ ଅଞ୍ଚଳ ବିବାଦୀୟ ଜାଣି ମଧ୍ୟ ପ୍ରଶାସନ ଏହି କାର୍ଯ୍ୟ ହାତକୁ ନେଇଛନ୍ତି ଏବଂ ଏଥିରେ ସାମିଲ ହୋଇଛନ୍ତି ବିଜେଡ଼ି ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ, ବିଧାୟକ ସୌଭିକ ବିଶ୍ୱାଳ, ବାମପନ୍ଥୀ ରାଜନୀତି ପରିତ୍ୟାଗ କରି ବିଜେଡ଼ିରେ ଯୋଗ ଦେଇଥିବା ରାଜ୍ୟସଭା ସାଂସଦ ସୁବାସ ସିଂହ ପ୍ରମୁଖ । ଦଳୀୟ ସାଂସଦ ଭର୍ତ୍ତୃହରି ମହାତାବଙ୍କ ବକ୍ତବ୍ୟକୁ ଏହି ନେତାମାନେ ବିରୋଧ କରିଥିଲେ ମଧ୍ୟ ଯୁକ୍ତିଯୁକ୍ତ ଭାବେ ଖଣ୍ଡନ କରିବାରେ ସମର୍ଥ ହୋଇପାରି ନାହାଁନ୍ତି । ବିବାଦୀୟ ଅବସ୍ଥାରେ ବସଷ୍ଟାଣ୍ଡ ଭବିଷ୍ୟତ ନିର୍ଦ୍ଧାରିତ ହେବା ବେଳକୁ କିଛି ଭଙ୍ଗା କାର୍ଯ୍ୟ ହୋଇଯାଇଥିବ ଏବଂ କିଛି ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇଯାଇଥିବ । ଏଥିରୁ ଠିକାଦାରୀ ସଂସ୍ଥା କିଛି ରୋଜଗାର ମଧ୍ୟ ପାଇସାରିଥିବ । ଏହି ପ୍ରକଳ୍ପ ପାଇଁ ନିଷ୍ପତ୍ତି ମୁଖ୍ୟଶାସନ ସଚିବଙ୍କ କାର୍ଯ୍ୟାଳୟରେ ହୋଇଛି ବୋଲି ସାଂସଦ ଶ୍ରୀ ମହାତାବଙ୍କ ମନ୍ତବ୍ୟ ମଧ୍ୟ ବିଶେଷ ଗୁରୁତ୍ୱ ରଖେ । ଅର୍ଥାତ ଏହି ବିକାଶମୂଳକ କାର୍ଯ୍ୟରେ ଜନପ୍ରତିନିଧିଙ୍କ ମତାମତ ଲୋଡ଼ାଯାଇ ନାହିଁ । ଅଂଶୀଦାରଙ୍କୁ ଗୁରୁତ୍ୱ ଦିଆଯାଇ ନାହିଁ । ଅତଏବ ଜନସ୍ୱାର୍ଥ ତୁଳନାରେ ରାଜନୈତିକ ଓ ଠିକାଦାରୀ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥିବା ମନେହୁଏ । ଏହାକୁ ଏକ ଦୂରଦୃଷ୍ଟି ସମ୍ପନ୍ନ ବସଷ୍ଟାଣ୍ଡ ଭାବେ ଆଦୌ ଗ୍ରହଣ କରାଯାଇ ନପାରେ । ସହର ଉପକଣ୍ଠ ନରାଜ ଓ ଗୋପାଳପୁରଠାରେ ପୂର୍ବରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନପାରିବାର ସନ୍ତୋଷଜନକ ଉତ୍ତର ସରକାର ବା ଜିଲ୍ଲା ପ୍ରଶାସନ ଅଦ୍ୟାବଧି ରଖିପାରି ନଥିବାବେଳେ ଖାନନଗର ଅଞ୍ଚଳରେ ବସଷ୍ଟାଣ୍ଡ ପାଇଁ ଏତେ ତରବର କାହିଁକି ?

ଏବେ ଦେଖିବା ମହାନଦୀ ପଠାରେ ପ୍ରସ୍ତାବିତ ନୂଆ ସହରାଞ୍ଚଳ ବିକାଶ ଯୋଜନାକୁ । ଯୋବ୍ରା ଆନିକଟ ନିକଟରୁ ମହାନଦୀ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ୪୦୦ ଏକର ପଠାରେ ଏହି ସହରାଞ୍ଚଳ ବିକାଶ ପାଇଁ ଯୋଜନା କରାଯାଇଛି । ଅଞ୍ଚଳଟିକୁ ଏବେ ବାଲିରେ ପୋତାଯାଇଛି । ଏଠାରେ ହୋଟେଲ, ଭୋଜନାଳୟ, ଜଳକ୍ରୀଡ଼ା କମ୍ପ୍ଲେକ୍ସ, ବାସଗୃହ, ଏସ୍‌ସିବି ମେଡ଼ିକାଲ କଲେଜ ହସ୍‌ପିଟାଲର ଦ୍ୱିତୀୟ କ୍ୟାମ୍ପସ ଆଦି ପ୍ରତିଷ୍ଠା ପାଇଁ ପ୍ରସ୍ତାବ କରାଯାଇଛି । କିନ୍ତୁ ଏ ସ୍ଥାନଟି କାହାର ତାହା ସ୍ଥିର ହୋଇପାରି ନାହିଁ । ଅଞ୍ଚଳଟି ବନ୍ୟା ପ୍ଲାବନ କ୍ଷେତ୍ର ମଧ୍ୟରେ ରହୁଛି କି ନାହିଁ ତାହା ଅନୁଧ୍ୟାନ ନିମନ୍ତେ ଜାତୀୟ ସବୁଜ ଟ୍ରିବ୍ୟୁନାଲ ନିକଟରେ ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ରାଜ୍ୟ ସ୍ୱାର୍ଥ ରକ୍ଷା କରିବାରେ ସରକାର ସମର୍ଥ ହୋଇପାରି ନାହାଁନ୍ତି । କିନ୍ତୁ ମହାନଦୀ ପଠାରେ ନିର୍ମାଣ କାର୍ଯ୍ୟ ନିମନ୍ତେ ତତ୍ପରତା ପ୍ରକାଶ କରୁଛନ୍ତି । ମହାନଦୀ ପଠାରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆଦୌ ପରିବେଶ ଅନୁକୂଳ ନୁହେଁ ବୋଲି ପରିବେଶବିତ୍ ମତପ୍ରକାଶ କରୁଛନ୍ତି । କିନ୍ତୁ ପ୍ରଶାସନର ସେଥିପ୍ରତି ଦୃଷ୍ଟି ନାହିଁ । କିଶୋରନଗରଠାରେ ମହାନଦୀ ପଠାରେ କେତେକ ନିର୍ମାଣ କାର୍ଯ୍ୟ ବେଆଇନ ବୋଲି ଇତିମଧ୍ୟରେ ପ୍ରମାଣିତ ହୋଇଥିଲେ ତାହା ହଟାଇବା ପାଇଁ ପ୍ରଶାସନ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉ ନାହିଁ ? ମର୍କତନଗରଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ କାହିଁକି ଆଜି ପର୍ଯ୍ୟନ୍ତ ତ୍ୱରାନ୍ୱିତ ହୋଇପାରି ତାହାର ଉତ୍ତର ସରକାର ରଖିବା ଆବଶ୍ୟକ । ରମାଦେବୀ ମହିଳା ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଲା, କିନ୍ତୁ କଟକସ୍ଥିତ ରାଜ୍ୟର ସର୍ବପୁରାତନ ଶୈଳବାଳା ମହିଳା ମହାବିଦ୍ୟାଳୟ କଣ ପାଇଁ ଅଦ୍ୟାବଧି ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇପାରିଲା ନାହିଁ ? ବିକାଶମୂଳକ କାର୍ଯ୍ୟର ନାରାଦେଇ ସାଧାରଣ ଜନତାଙ୍କୁ ଭୁଆଁ ବୁଲାଇ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲରୁ ସରକାର ବା ପ୍ରଶାସନିକ ଅଧିକାରୀ କ୍ଷାନ୍ତ ରହିବା ଆବଶ୍ୟକ । ବିକାଶମୂଳକ କାର୍ଯ୍ୟ ଏକ ସହରକୁ ସମ୍ପ୍ରସାରିତ କରିବାରେ ସହାୟକ ହୋଇଥାଏ । ଏହାର ପରିବ୍ୟାପ୍ତି ଘଟାଇଥାଏ । ଏହା ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ । ଖାନନଗରରେ ବସଷ୍ଟାଣ୍ଡ ପ୍ରତିଷ୍ଠା ହେଲେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ପାର୍କଟିଏ ପାଇଁ ସ୍ଥାନଟିଏ ରହିବ ନାହିଁ । ଏହା କଣ ବିକଶିତ ତଥା ସୌନ୍ଦର୍ଯ୍ୟମୟ ନଗରର ସଂଜ୍ଞା ? କଟକ ସହରର ବିକାଶ କରିବାକୁ ହେଲେ ଜନପ୍ରତିନିଧି ଗୋଡ଼ାଣିଆ ମନୋଭାବରୁ ଦୂରେଇ ରହି କାର୍ଯ୍ୟ କରିବା ଆବଶ୍ୟକ ।

ବରିଷ୍ଠ ସାମ୍ବାଦିକ
ସମ୍ପାଦକ- ସକାଳ ଖବର
ମୋ-୯୪୩୭୨୨୯୨୩୩

# ଚାଷୀ ହସିଲେ ଦେଶ ହସିବ


ମନୋଜ ବସନ୍ତରାୟ

ଦେଶ ମଧ୍ୟରେ ସର୍ବତ୍ର ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ଦିଲ୍ଲୀର ଲାଲକିଲ୍ଲାରେ ଯାହା ଘଟିଗଲା, ଏବଂ ସେହି ଅକ୍ଷମଣୀୟ କାର୍ଯ୍ୟ ପାଇଁ ସମଗ୍ର ବିଶ୍ୱରେ ଆମ ଦେଶର ମୁଣ୍ଡ ନଇଁଗଲା । ଦୁଇମାସରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଆସୁଥିବା ଚାଷୀ ଆନ୍ଦୋଳନ ଉପରେ କଳଙ୍କ ବୋଲି ହୋଇଗଲା । ଦିଲ୍ଲୀରେ ଗୋଟିଏ ପଟେ ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଥିବା ସମୟରେ ଏହାର ଅନତୀଦୁରରେ ଲ୍ଲାଲକିଲ୍ଲା ଓ ଏହାର ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଚାଷୀ ବିକ୍ଷୋଭକାରୀମାନଙ୍କ ବିଭିନ୍ନ ହାତହତିଆର ଓ ମାରଣାସ୍ତ୍ର ଧରି ଟ୍ରାକ୍ଟରର୍‌ୟାଲି କରିବା ଏବଂ ସର୍ବୋପରି ଲ୍ଲାଲକିଲ୍ଲା ଉପରେ ଚଢି ତ୍ରିରଙ୍ଗା ପତାକାର ଅବମାନନା କରିବା ନିଶ୍ଚିତ ରୂପେ ଘୃଣ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ଏବେ ପ୍ରଶ୍ନ ଉଠିଛି ଯେ, ଆଉ କେତେଦିନ ପାଇଁ ଏହି ଚାଷୀ ଆନ୍ଦୋଳନ ଆମ ଦେଶରେ ଚାଲିବ ?

ଏ ଯାବତ୍ ଆନ୍ଦୋଳନ ରତ ଚାଷୀମାନଙ୍କ ସହିତ କେନ୍ଦ୍ର ସରକାର ୧୧ଥର ଆଲୋଚନା କରିସାରିଲେଣି, ମାତ୍ର ଚାଷୀ ଆନ୍ଦୋଳନ ଥମିବା ନାଁ ନଧରି ସମୟକ୍ରମେ ବୃଦ୍ଧି ପାଉଛି । ଏହି ଆନ୍ଦୋଳନର ଉଦ୍ଦେଶ୍ୟ ସରକାରଙ୍କ ଭାଗରେ ଚାପ ପ୍ରୟୋଗ କରାଯାଇ ଚାଷୀ ବିଲ୍‌କୁ ରଦ୍ଦ କରିବା ଏବଂ ସରକାରଙ୍କ ମନମୁଖି ଆଇନ୍ ବ୍ୟବସ୍ଥାକୁ ଲଗାମ ଲଗାଇବା । ଉଲ୍ଲେଖ ଯୋଗ୍ୟ ଏହି କି ଯେ, ବିଗତ ୨ ମାସ ଧରି ଚାଷୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ଚଳାଇ ଆସିଥିବା ଆନ୍ଦୋଳନକୁ ଏହି ସାଧାରଣତନ୍ତ୍ର ଦିବସରେ ଏତେ ଉତ୍ୟକ୍ତ ଏବଂ ଉଶୃଙ୍ଖଳିତ ପରିବେଶ ସୃଷ୍ଟି କଲେ କିପରି ? ଅତୀତରେ ୫ ଘଣ୍ଟିଆ ଭାରତ ବନ୍ଦ ସମୟରେ ଆନ୍ଦୋଳନକାରୀ କୃଷକ ସଂଘଠନ ଗୁଡିକ ଯେଉଁଭଳି ସମତା ପ୍ରଦର୍ଶନ କରିଥିଲେ, ତାହା ନିହାତି ପ୍ରଂଶସନୀୟ ଥିଲା । ମାତ୍ର ଆନ୍ଦୋଳନକାରୀ ଏହି ଗତ ଜାନୁଆରୀ ୨୬ ତାରିଖ ଘଟଣା ପରେ ୪୧ଟି କୃଷକ ସଂଗଠନର ବଳ ଦୁର୍ବଳ ହୋଇ ଯାଇଛି । ସେମାନଙ୍କ ମଧ୍ୟରୁ ଅନେକ କୃଷକ ସଂଗଠନ ଏହି ଆନ୍ଦୋଳନ ରୁ ଓହରି ଗଲେଣି କିନ୍ତୁ ଏବେ ଦିଲ୍ଲୀ- ମିରଟ ରାଜପଥ ଗାଜିପୁର ସୀମାରେ ଆନ୍ଦୋଳନନରତ ଭାରତ କିଷାନ ୟୁନିୟନ ନେତା ରାଜେଶ ଟିକାୟତଙ୍କ ପ୍ରତି ସମର୍ଥନ ଜୁଟାଇ ସ୍ଥାନୀୟ ଚାଷୀ ସଂଗଠନ ଓ ଜନତାଙ୍କ ସମର୍ଥନ ବୃଦ୍ଧିପାଉଛି । ସିଂଘୁ ଏବଂ ଟିକରି ଆନ୍ଦୋଳନ ସ୍ଥଳକୁ ପାବ ଏବଂ ହରିୟାଣାରୁ ଚାଷୀଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ପଶ୍ଚିମ ଉତ୍ତରପ୍ରଦେଶରୁ ଟିକାୟତଙ୍କ ନେତୃତ୍ୱରେ ଗାଜିପୁର ସୀମାରେ ଚାଲିଥିବା ଆନ୍ଦୋଳନ ସ୍ଥଳକୁ ଚାଷୀ ମାନଙ୍କର ସଂଖ୍ୟା ଆସିବା ପକ୍ରିୟାରେ ବୃଦ୍ଧିପାଉଛି । ଆଉଗୋଟେ ପ୍ରଶ୍ନ ଯଦି ଏହି ଅଞ୍ଚଳର ଚାଷୀ ସଂଗଠନଗୁଡିକ ଛାଡିଦେଲେ ଅନ୍ୟାନ ପ୍ରାଦେଶିକ ସ୍ତରରେ ଚାଷୀ ସଂଗଠନଗୁଡିକ ଆନ୍ଦୋଳନନାତ୍ମକ ପଦକ୍ଷେପ ନେଉ ନାହାଁନ୍ତି କାହିଁକି ? କଣ କେବଳ ଭାରତ ବର୍ଷରେ ପଞ୍ଜାବ ଓ ହରିୟାଣାରେ ଚାଷୀ ଏବଂ ତାଙ୍କ ସଂଗଠନ ମାନରହିଛି ? ଏହାର କାରଣ ଏହି କୃଷି ବିଲ୍ ଲାଗୁହେଲେ ପଞ୍ଜାବରେ ବିଭିନ୍ନ କୃଷକ ମଣ୍ଡିରେ କାର୍ଯ୍ୟ କରୁଥିବା ପାଖାପାଖି ୫୦ ହଜାର ଦଲାଲମାନେ ସେମାନଙ୍କ ରୋଜଗାର ହରାଇ ବସିବେ । ସେହିମାନେ ଏବଂ ସେମାନଙ୍କୁ ଇନ୍ଧନ ଯୋଗାଉଥିବା କିଛି ରାଜନୈତିକ ଦଳ ଏହି ଆନ୍ଦୋଳନକୁ ଅଧିକରୁ ଅଧିକ ଉସକାଉଛନ୍ତି । ଏହାର କାରଣ ସେମାନେ ଭାବୁଛନ୍ତି ଯଦି ଚାଷୀମାନେ ମଣ୍ଡିରେ ଫସଲ ବିକ୍ରୟ ନକରି ଅନ୍ୟ ସ୍ଥାନରେ ବିକ୍ରୟ କଲେ ସେମାନଙ୍କ କମିଶନ ବନ୍ଦ ହୋଇଯିବ । ଏହି ଆନ୍ଦୋଳନକୁ ବିଶ୍ୱ ସମୁଦାୟ ନିକଟରେ ପ୍ରଶ୍ନବାଚୀ ଭଳି ଠିଆ କରାଇବାର ଉଦ୍ଦେଶ୍ୟ ରେ ଆମେରିକାରେ 'ଭାରତମାତା କି ଜୟ' ପରିବର୍ତ୍ତେ 'ଖଲିସ୍ଥାନ ଜିନ୍ଦାବାଦ' ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇପାରୁଛି । ଯେଉଁମାନଙ୍କର ଭାରତରେ ଚାଲୁଥିବା ଚାଷ ପ୍ରଣାଳୀ ଓ ଏହାର ନିୟମ ବାବଦରେ କୌଣସି ଧାରଣା ନାହିଁ ସେମାନେ ଭାରତୀୟ ଦୂତାବାସ ଆଗରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କାଳିବୋଳିବା ସହିତ ଖଲିସ୍ଥାନ ପତକା ପଦର୍ଶନ କରିବା ଦ୍ୱାରା ଆମ ଦେଶର ଚାଷୀମାନଙ୍କର କି ଲାଭ ହେବ ? ଆଜକୁ ୨୦ବର୍ଷ ପୂର୍ବେ ବାଜପେୟୀ ସରକାର ସମୟରେ ୨୦୦୦ ମସିହାରେ ଶଙ୍କରଲାଲ ଗୁରୁଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା ଏବଂ ଏହା ପରେ ଉପା ସରକାରଙ୍କ ଅମଳରେ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସମଗ୍ର ଭାରତରେ ଏକିକୃତ ରାଷ୍ଟ୍ରୀୟ ବଜାର କଥା କହିଥିଲେ । ୨୦୧୨ ମାର୍ଚ୍ଚ ମାସରେ ଶରଦ ପାୱାରଙ୍କ ନେତୃତ୍ୱରେ ୧୦ ଟି ରାଜ୍ୟର କୃଷିମନ୍ତ୍ରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା ଏବଂ ଏହି କମିଟି ୨୦୧୩ ମସିହା ମାର୍ଚ୍ଚ ମାସରେ ତା'ର ରିପୋର୍ଟରେ ନିୟନ୍ତ୍ରିତ ବଜାର କମିଟି ବାବଦରେ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା । ଏହି ସବୁ କମିଟିଗୁଡିକର ନିଷ୍ପତି ଅନୁଯାଇ କେନ୍ଦ୍ର ସରକାର ୩ଟି ବିଷୟରେ ବିଲ୍ ଆଣିଛନ୍ତି, ଯାହା ୧- କୃଷିଯାତ ଦ୍ରବ୍ୟ ଉତ୍ପାଦନ ଓ ବିକ୍ରି ବିଧେୟକ ୨୦୨୦ (ଫାର୍ମର ପ୍ରଡ୍ୟୁସ ଟ୍ରେଡ ଓ କମର୍ସ ବିଲ୍) ୨- ଏଗ୍ରିମେଣ୍ଟ ଏବଂ ପ୍ରାଇସ ଆସ୍ୟୁରାନ୍‌ସ ଓ ଫାର୍ମ ସର୍ଭିସେସ୍ ଆକ୍ଟ -୨୦୨୦ (କଣ୍ଟ୍ରାକ୍ଟ ଫାର୍ମିଙ୍ଗ ବିଲ୍) ୩- ଜରୁରୀ ଦ୍ରବ୍ୟ ଆଇନ୍ (ଏସେନ୍‌ସିଆଲ କମୋଡଟି ଆକ୍ଟ - ୨୦୨୦) ଅଟେ । ଚାଷୀମାନଙ୍କ ରୋଜଗାର ୨ଗୁଣ କରିବାକୁ ହେଲେ ସେମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କ୍ଷମତା ବା ଦରଦାମ କରିବା କ୍ଷମତା ସେମାନଙ୍କ ନିକଟରେ ରହିବା ଉଚିତ୍ । ଏହା ଫଳରେ ଚାଷୀ ନିଜ ଉତ୍ପାଦିତ ଫସଲର ସଠିକ୍ ଦାମ୍ ପାଇପାରିବେ । ଯଦି ଆମ୍ଭେ ଭାରତୀୟ କୃଷି ବଜାରକୁ ଆର୍ନ୍ତଜାତୀୟସ୍ତରରେ ନିବେଶ କରିବା ପାଇଁ ପ୍ରସ୍ତୁତି କରିବା ନାହିଁ, ତେବେ କୃଷକ ମାନଙ୍କ ଆୟ କିପରି ବଢିବ ? କୃଷିଉତ୍ପାଦିତ ଦ୍ରବ୍ୟକୁ ନିଜ କ୍ଷେତ ବା ଘର ପାଖରେ ବିକ୍ରୟ ବ୍ୟବସ୍ଥା କରିବା ପାଇଁ ଇ- ଟ୍ରେଡିଂ ବ୍ୟବସ୍ଥା କୁ ଆପଣାଇବାକୁ ପଡିବ । ଯେପର୍ଯ୍ୟନ୍ତ କୃଷି ପକ୍ରିୟାକରଣ ପଦ୍ଧତି ଓ ଉତ୍ପାଦିତ ଦ୍ରବ୍ୟର ସିଧାସଳଖ ବିକ୍ରୟ ବ୍ୟବସ୍ଥାରେ ସୁଧାର ଆସି ନପାରିଛି, ସେପର୍ଯ୍ୟନ୍ତ କୃଷକମାନଙ୍କ ଆୟରେ ଉନ୍ନତି ହୋଇପାରିବ ନାହିଁ । ଯଦି କଣ୍ଟ୍ରାକ୍ଟ ଫାର୍ମିଂ ବ୍ୟବସ୍ଥା ଅଧିକ ହେବ ତେବେ ଉତ୍ପାଦନ ବଢିବା ସହିତ ଏହାକୁ ରଖିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ ଶୀତଳ ଭଣ୍ଡାରର ଆବଶ୍ୟକତା ଦେଖାଦେବ । ସ୍ୱାଧିନତା ପରଠାରୁ ଆମ ଦେଶରେ କୃଷକମାନଙ୍କ ସମସ୍ୟା ଅନେକାଂଶରେ ଦୂର ହୋଇଥିଲେ ମଧ ସେମାନଙ୍କ କ୍ଷେତକୁ କ୍ଷୁଦ୍ର ଜଳସେଚନ ସୁବିଧା ସଂଯୋଗ ସମ୍ପୂର୍ଣ୍ଣ ଭାବରେ ହୋଇପାରିନାହିଁ । ଖାଦ୍ୟଶସ୍ୟ ମହଜୁଦ୍ ରଖିବା ପାଇଁ ସରକାରୀ ଓ ବେସରକାରୀ ସ୍ଥରରେ ଶୀତଳଭଣ୍ଡାର ଓ ମଣ୍ଡିର ପ୍ରର୍ଯ୍ୟାପ୍ତ ସୁବିଧା ମିଳୁପାରିନାହିଁ । ଏ ପଟେ ପ୍ରାଦେଶିକ ସ୍ତରରେ ଏମଏସପିର ମୂଲ୍ୟ ବୃଦ୍ଧିକୁ ନେଇ ବିଭିନ୍ନ ରାଜ୍ୟସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି ରଖି ଆସୁଛନ୍ତି । କେନ୍ଦ୍ର ସରକାର ମଧ ଏହି ଏମଏସପିରେ ପ୍ରାଇସ୍ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ସିଧାସଳଖ ଯୋଗାଯୋଗ କରି ଏହି ଆଇନ୍‌ରେ ପରିବର୍ତ୍ତନ ଆଣିପାରିବେ । କେନ୍ଦ୍ରସରକାର ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସବୁ କ୍ଷେତ୍ରରେ କଡାକଡି କରି ସବୁଖାଦ୍ୟର ଗୁଣାତ୍ମକମାନ ରକ୍ଷା କରିବା ପାଇଁ ଗୁରୁତ୍ୱ ଦେଇଥିଲେ ସୁଦ୍ଧା ବାସ୍ତବ ରେ ଚିତ୍ର କିନ୍ତୁ ଭିନ୍ନ । ଏଥିପାଇଁ ରାଜ୍ୟ ଗୁଡିକରେ ଯେତିକି ମାନବ ସମ୍ବଳ ଓ କ୍ଷେତ ପରିଚାଳନା ଦକ୍ଷତା ରହିବା କଥା ତାହା ନାହିଁ । ସରକାର ସେହି ଦୁର୍ବଳ ସ୍ୱାସ୍ଥ୍ୟକର ଯାଞ୍ଚ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ଆଣି ପାରି ନାହାଁନ୍ତି । ନୂଆ କୃଷି ଆଇନ୍ ବିରୋଧରେ କୃଷକ ମାନଙ୍କ ଅସନ୍ତୋଷ ଓ ଏହାର ପ୍ରତ୍ୟାହାର ଦାବିରେ ସେମାନଙ୍କ ଆନ୍ଦୋଳନ ଏବଂ ଏଥିରେ ଅଡି ବସିଥିବା କୃଷକ ସଂଗଠନ ଗୁଡିକର ନେତା ମାନଙ୍କ ସହିତ ଆଲୋଚନା ବାରମ୍ବାର ବିଫଳ ଉପରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଏହି ଆଇନ୍ ଗୁଡିକ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ତେବେ ଏହାର ସମାଧାନ ନିମନ୍ତେ ଏକ ୪ ଜଣିଆ ଏକ୍ସପର୍ଟ କମିଟି ଗଠନ କରିଛନ୍ତି । କମିଟିର ସଦସ୍ୟମାନେ ସିଧାସଳଖ ଚାଷୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କର ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରି ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରିବେ । ଆମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଏହି ନୂତନ କୃଷି ଆଇନ୍‌କୁ ଅତ୍ୟନ୍ତ ପକ୍ଷେ ଦେଢ ବର୍ଷ ଯାଏ ଲାଗୁ ନକରିବା କୁ କହିଛନ୍ତି । ଏହି ପରିପ୍ରେକ୍ଷୀରେ କୃଷକମାନଙ୍କ ଦାବିକୁ ସମ୍ମାନ ଦେଇ, ଏହାକୁ ତର୍ଜମା କରି, ଆଇନ୍‌ରେ ପରିବର୍ତ୍ତନ ଆଣିବା ପାଇଁ ସରକାରଙ୍କ ନିକଟରେ ଅନେକ ସମୟ ରହିଛି । ବିଗତ କିଛି ବର୍ଷ ଧରି କେନ୍ଦ୍ର ସରକାରଙ୍କ କିଛି ନିଷ୍ପତ୍ତିକୁ ଦେଖି ଚାଷୀମାନେ ଭୀତତ୍ରସ୍ତ ହେବା ସ୍ୱଭାବିକ । ସେମାନେ ଭାବୁଛନ୍ତି ସରକାର କୃଷିକ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଭଳି ଦାୟିତ୍ୱରୁ ନିଜକୁ ଓହରାଇ କର୍ପୋରେଟ୍ ଉଦ୍ୟୋଗ ହାତରେ ଟେକି ଦେବାକୁ ଚାହୁଁଛନ୍ତି । ଏହି ପ୍ରସ୍ତାବିତ ନୂଆ କୃଷି ଆଇନ୍‌ରେ ସରକାରଙ୍କ କିଛି ଚାଲ ରହିଥିବା କଥା ସେମାନେ ସନ୍ଦେହ କରୁଛନ୍ତି । ସେଥିପାଇଁ ସେମାନେ ବିରୋଧ କରୁଛନ୍ତି । ଏଭଳିସ୍ଥିତିରେ ସରକାର ହୁଏତ ଚାଷୀ ମାନଙ୍କୁ ବୁଝେଇବେ ଯେ ଏହି ଆଇନ୍ ଗୁଡିକ ସେମାନଙ୍କ ସ୍ୱାର୍ଥ ପୂରଣ ଲାଗି ସହାୟକ ହେବ, କିମ୍ବା ବିଭିନ୍ନ ରାଜନୈତିକ ଦଳ ଓ ଚାଷୀ ସଂଗଠନ ର ନେତା ମାନଙ୍କ ପରାମର୍ଶରେ ଏହି କୃଷିନିୟମ ରେ ସଂଶୋଧନ କିମ୍ବା ପ୍ରତ୍ୟାହାର କରାଯିବ । ଏଣୁ କେବଳ ବିରୋଧ ପାଇଁ ବିରୋଧ ନକରି ଏହି ଆଇନ୍‌ରେ ଥିବା ତ୍ରୁଟିକୁ ସରକାରଙ୍କ ନଜରକୁ ଆଣିବା ଆବଶ୍ୟକ । ଏହି ବିଲ୍ ଗୁଡିକ ସଂଶୋଧିତ ହୋଇ ଲାଗୁ ହେଲେ ଦେଶରେ ଚାଷୀ ଓ ଚାଷକ୍ଷେତ୍ର ଉଭୟ ଲାଭ ପାଇପାରିବେ । ଚାଷ କ୍ଷେତ୍ରରେ ଅଧିକ ଉନ୍ନତି ଆସିପାରିବ । ବିରୋଧିଚାଷୀମାନଙ୍କ ଅଭିଯୋଗ ଏହିକି ଯେ, କୃଷକମାନଙ୍କ ଜମିକୁ ଶିଳ୍ପପତିମାନେ ନେଇଯିବେ କିମ୍ବା ସେମାନଙ୍କୁ ସର୍ବନିମ୍ନ କ୍ରୟ ମୂଲ୍ୟ ଦିଆଯିବ ନାହିଁ, ଏପରି ଭାବନା ସମ୍ପୂର୍ଣ୍ଣ ରୂପେ ଅମୂଳକ । ଅସଲରେ କୃଷକଙ୍କୁ ମୋହରା କରି ଯେଉଁ ରାଜନୈତିକ ନେତା ଓ ଦଲାଲମାନେ ମୁନାଫା ଉଠାଉଥିଲେ, ସେହିମାନେ ଏହି ଆନ୍ଦୋଳନ ମାଧ୍ୟମରେ ଦେଶରେ ଅସ୍ଥିରତା ଆଣିବାରେ ସକ୍ଷମ ହୋଇଛନ୍ତି । ବାସ୍ତବରେ ଦେଖିବାକୁ ଗଲେ କୃଷକମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବାରୁ ସେମାନେ ନିଜ ଜମିରେ ଭଲଭାବରେ ଫସଲ ଫଳାଇ ପାରୁନଥିଲେ । ଏଣୁ କେନ୍ଦ୍ର ସରକାରଙ୍କ ଏହି ବ୍ୟବସ୍ଥା ଫଳରେ ସେମାନଙ୍କ ଚାଷଜମି ଆଉ ପଡିଆ ପଡିବ ନାହିଁ ଏବଂ ସେମାନେ ଅଣପାରମ୍ପରିକ ପଦ୍ଧତିରେ ଚାଷ କରି କ୍ଷତି ସହିବେ ନାହିଁ । ଏହି ଆଇନ୍ ଆଣି ସରକାର କହୁଛନ୍ତି ଅବହେଳିତ ଅବସ୍ଥାରେ ଥିବା କୃଷି ଓ କୃଷକମାନେ ଏହାଦ୍ୱାରା ଅର୍ଥ ନୈତିକ ସୁବିଧା ପାଇପାରିବେ ଓ ସେମାନେ ନିଜ ଜମିର ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ଦାମ୍‌ରେ ବିକ୍ରି କରିପାରିବା ସହ ସେମାନଙ୍କ ଉତ୍ପାଦନ ହାର ବୃଦ୍ଧି କରିବା ରେ ସହାୟତା ପାଇପାରିବେ, ଯାହାଫଳରେ ଅଭାବ ଅନଟନରେ ଚାଷୀ ଆତ୍ମହତ୍ୟା ଭଳି ଲଜ୍ଜାଜନକ ଘଟଣା ଦ୍ରୁତ ଭାବରେ ହ୍ରାସ ପାଇବ ଏବଂ ଦେଶ ସମୃଦ୍ଧଶାଳୀ ହେବ । ଚାଷୀ ହସିଲେ ଦେଶ ହସିବ ।

ନୂଆପଡା, ଲେବର କଲୋନୀ,
କଟକ
ମୋ:- ୯୮୬୧୪୫୭୫୦୮୮




# ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସମ୍ବିତ



**ପୁରୀ (ଏନ୍.ଏମ୍.) :** ପୁରୀ ଜଗନ୍ନାଥ ମନ୍ଦିରର ୨୦୦ ମିଟର ପର୍ଯ୍ୟନ୍ତ ନିଷେଧାଦେଶ ଆଦେଶକୁ ନେଇ ବିଜେପି ପ୍ରତିନିଧ ଦଳ ସଂସ୍କୃତିମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ ଆମ ଚଳନ୍ତି ମହାପ୍ରଭୁ ଜଗନ୍ନାଥଙ୍କ ବିଷୟରେ ସବୁ କଥା ଶୁଣିଥିଲେ । ସମସ୍ୟା ବୁଝିବା ପରେ ତୁରନ୍ତ ଏହି ନିଷେଧାଦେଶ ପ୍ରତ୍ୟାହାର ପାଇଁ ସେ ଆଦେଶ ଦେଇଥିଲେ । ସଂସ୍କୃତି ମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଓଡ଼ିଶାବାସୀ ଏବଂ ବିଜେପି ପ୍ରତିନିଧିଙ୍କ ସହ ସେବାୟତଙ୍କ ତରଫରୁ ଧନ୍ୟବାଦ ଦିଆଯାଇଥିଲା ବୋଲି କହିଛନ୍ତି ପୁରୀ ଲୋକସଭା ପ୍ରାର୍ଥୀ ତଥା ବିଜେପି ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର ।

ନିଷେଧାଦେଶ ଆଦେଶକୁ ନେଇ ପ୍ରଥମରୁ ଆମେ ଏବଂ ଆମ ଦଳର ସମସ୍ତ ବରିଷ୍ଠ ନେତାମାନେ କହିଥିଲେ କି ଏହି ଆଇନ ଭୁଲ ବୁଝାମଣାରେ ହୋଇଛି ଏବଂ ଏହା ପ୍ରତ୍ୟାହାର ହୋଇଯିବ । ତେବେ ଏହାକୁ ନେଇ ରାଜ୍ୟ ନେତାମାନେ ଯେପରି କୁମ୍ଭୀର କାନ୍ଦଣା କଲେ ତାହାକୁ ସମାଲଚୋନା କରିଥିଲେ ସମ୍ବିତ । ସେ କହିଥିଲେ କି ପୁରୀ ସହର ଏବଂ ବିଶେଷ କରି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନନ୍ୟ ଭକ୍ତି ରହିଛି । ନବକଳେବର ହେଉକି ମନ୍ଦିର ସୁରକ୍ଷା ଏବଂ ସହରର ବିକାଶ ପାଇଁ ହେଉ, ପ୍ରଧାନମନ୍ତ୍ରୀ ସର୍ବଦା ସହଯୋଗର ହାତ ବଢ଼ାଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜଣେ ଜଗନ୍ନାଥଙ୍କ ଅନୁଗାମୀ ଅଟନ୍ତି ଏବଂ ସେ ପ୍ରଧାନମନ୍ତ୍ରୀ ଥିବା ପର୍ଯ୍ୟନ୍ତ କେହି ଓଡିଶାର 'ଜଗନ୍ନାଥ ସଂସ୍କୃତି' ଉପରେ ଆକ୍ରମଣ କରିପାରିବେ ନାହିଁ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଆମକୁ ନିଶ୍ଚିତ କରିଥିଲେ ବୋଲି କହିଛନ୍ତି ସମ୍ବିତ ପାତ୍ର । ଏହା ସହ ଶ୍ରୀ ପାତ୍ର ପୁଣି କହିଛନ୍ତି ଯେ ଶ୍ରୀକ୍ଷେତ୍ରର ବିକାଶ ପାଇଁ ବିଜେପି ମଧ୍ୟ କାର୍ଯ୍ୟ କରୁଛି । ରାଜ୍ୟ ସରକାର ନଇ ନଦେଖି ଯେପରି ବିଜେପିକୁ ସମାଲୋଚନା କରିବା ସହ ବିଭ୍ରାନ୍ତି ସୃଷ୍ଟି କଲେ ତାହା ଉଚିତ ନୁହେଁ । ଏହି ବାଇ ଲ ହଟାଇବା ପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ଏବଂ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ମହାପାତ୍ର, ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାରଏବଂ ପୁରୀ ଜଗନ୍ନାଥ ମନ୍ଦିରର ବରିଷ୍ଠ ସେବାୟତଙ୍କ ସହ ଆମେ ସଂସ୍କୃତି ମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲଙ୍କୁ ଭେଟିବା ପରେ ରାଜ୍ୟ ସରକାର ମନ୍ଦିର ସମ୍ବନ୍ଧରେ ଲୋକଙ୍କୁ ବିଭ୍ରାନ୍ତି କରୁଥିବା କହିଥିଲୁ । ପୁରୀ ଜଗନ୍ନାଥ ମନ୍ଦିରର ୨୦୦ ମିଟର ପର୍ଯ୍ୟନ୍ତ ନିଷେଧାଦେଶ ଆଦେଶ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ ଉପରେ ଆଲୋଚନା ହେଲା । ଆମ କଥା ଶୁଣି ଏହି ସମ୍ବନ୍ଧୀୟ ଆଇନ୍ ପ୍ରତ୍ୟାହାର ପାଇଁ ସେ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀମନ୍ଦିରର ସଂଗ୍ରକ୍ଷଣ ବିଷୟରେ ଆଲୋଚନା କରି ପ୍ରସ୍ତାବିତ ବାଇ-ଲ କୁ ତୁରନ୍ତ ପ୍ରତ୍ୟାହାର କରିଥିବାରୁ ଆମେ ସମସ୍ତେ କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲୁ । କେବଳ ଏତିକି ନୁହେଁ ଶ୍ରୀକ୍ଷେତ୍ରକୁ କିପରି ଅଧିକ ଶ୍ରଦ୍ଧାଳୁ ଆସିବେ, ପୁରୀ ସହର କିପରି ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ବିକଶିତ ସହର ହେବ ସେ ନେଇ ବିଜେପି ଅହରହ କାର୍ଯ୍ୟ କରୁଥିବା ଶ୍ରୀ ପାତ୍ର କହିଛନ୍ତି ।

# କୋଷ୍ଟାଲ ହାଇୱେ ନିର୍ମାଣକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ

**ଭୁବନେଶ୍ୱର (ଏନ୍.ଏମ୍.) :** ଓଡ଼ିଶାରେ କୋଷ୍ଟାଲ ହାଇୱେ ନିର୍ମାଣ ପ୍ରସଙ୍ଗ ପୁଣି ବିବାଦ ଘେରକୁ ଆସିଛି । ଏହାକୁ ନେଇ ବିଜେଡି ଓ ବିଜେପି ପୁନର୍ବାର ମୁହାଁମୁହିଁ ହୋଇଛନ୍ତି । ରାଜ୍ୟସଭାରେ ବିଜେଡି ସାଂସଦ ସୁଜିତ୍ କୁମାରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କୋଷ୍ଟାଲ ହାଇୱେର ଲମ୍ବ ୩୮୨ କିଲୋମିଟର ରଖାଯାଇଛି ବୋଲି କହିବା ପରେ ବିଜେଡି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଛି । ଏପଟେ ସତ ଜାଣିବି ବିଜେଡି ମିଛ କହୁଛି ବୋଲି ବିଜେପି ଅଭିଯୋଗ କରିଛି ।

ଏ ନେଇ ବିଜେଡି ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଯାହା ସେ ପୂର୍ବରୁ ସନ୍ଦେହ କରୁଥିଲେ ତାହା ସତ୍ୟ ପ୍ରମାଣିତ ହୋଇଛି । କୋଷ୍ଟାଲ ହାଇୱେର ଦୈର୍ଘ୍ୟ ୪୩୦କିମିରୁ ୩୮୨କିମିକୁ ହ୍ରାସ କରାଯାଇଛି । ପ୍ରାୟ ୫୦କିମି କମାଇ ଦିଆଯାଇଛି । କୋଷ୍ଟାଲ ହାଇୱେ ଓଡ଼ିଶାର ଭାଗ୍ୟ ଭବିଷ୍ୟତ । ଏହାକୁ ରାଜନୀତିକ ପ୍ରସଙ୍ଗ ନକରି ସମ୍ମିଳିତ ଉଦ୍ୟମ ହେବା ଆବଶ୍ୟକ । କୋଷ୍ଟାଲ ହାଇୱେ ଯେଉଁ ଆଲଏନମେଣ୍ଟ ଦେଇ ହେବାକଥା ସେହିଭଳି ହେଉ । କେନ୍ଦ୍ର ସରକାର ଏହା ଉପରେ ପୁନର୍ବିଚାର କରନ୍ତୁ । ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ବି କେନ୍ଦ୍ରମନ୍ତ୍ରୀ ଗଡ଼କରୀ ଏପରି ନିଷ୍ପତ୍ତି ନେବା ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି । ଅନ୍ୟପକ୍ଷରେ ଶ୍ରୀ ଦାସବର୍ମାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି ଯେ କୋଷ୍ଟାଲ ହାଇୱେ ନିଜ ହିସାବରେ ନକରିହେବାରୁ ସଞ୍ଜୟ ଦାସବର୍ମା ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି । ଶ୍ରୀ ଦାସବର୍ମା ଜାଣିଶୁଣି ମିଛ କାହାଣୀ ଗପୁଛନ୍ତି । କୋଷ୍ଟାଲ ହାଇୱେ ବିଳମ୍ବ ହେବାରେ ରାଜ୍ୟ ସରକାରଙ୍କ ଢ଼ାଲ ହୋଇ ଶ୍ରୀ ଦାସବର୍ମା ଛିଡ଼ା ହୋଇଛନ୍ତି । କୋଷ୍ଟାଲ ହାଇୱେ ପ୍ରାରମ୍ଭିକ ସମୟରେ ୪୩୦କିମି ଆକଳନ କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହମତିରେ ଏହାକୁ ୩୭୦କିମି କରାଯିବାକୁ ନିଷ୍ପତ୍ତି ନିଆଗଲା । ପରବର୍ତ୍ତୀ ସମୟରେ ୩୮୨କିମି ହେବାପ ।ଇଁ ଉଭୟ ସରକାରଙ୍କ ସହମତି ହୋଇସାରିଛି । ତେଣୁ ୧୨କିମି ବଢ଼ିଥିବା ଯୋଗୁ ମୋଦି ସରକାରଙ୍କୁ ବିଜେଡି ଧନ୍ୟବାଦ ଦେଉ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ସେହିପରି କୋଷ୍ଟାଲ ହାଇୱେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଡ୍ରିମ ପ୍ରୋଜେକ୍ଟ ହୋଇଥିବାରୁ ତାକୁ ସଫଳ କରିବାକୁ ସେ ଅହରହ ଉଦ୍ୟମ କରୁଚନ୍ତି । କୋଷ୍ଟାଲ ହାଇୱେ ପ୍ରସଙ୍ଗରେ ମନ୍ତ୍ରୀ ଯଦି ସଂସଦରେ ଭୁଲ୍ ତଥ୍ୟ ଦେଇଥିବା କୁହାଯାଉଛି ତା'ହେଲେ ରାଜ୍ୟ ସରକାର ପୁଙ୍ଖାନୁପୁଙ୍ଖ ଭାବେ କେନ୍ଦ୍ର ସରକାରଙ୍କୁ ଉତ୍ତର ମାଗନ୍ତୁ । କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ସମୀକ୍ଷା ବୈଠକରେ କାହିଁକି ମୁଖ୍ୟମନ୍ତ୍ରୀ ଏନେଇ ଉତ୍ତର ରଖିନଥିଲେ । ନା ସଞ୍ଜୟଙ୍କ ପାଖରେ ସୂଚନା ନଥିଲା । ଗତ ସମୀକ୍ଷା ବୈଠକରେ ଦୀଘାରୁ ସାତପଡ଼ା ପର୍ଯ୍ୟନ୍ତ ମଞ୍ଜୁରୀ ଦିଆଯିବା କଥା ମୁଖ୍ୟମନ୍ତ୍ରୀ ନିଜେ କହିଥିଲେ ଓ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଜେଡି ତିଳକୁ ତାଳ କରିବାରେ ମାହିର । ତେଣୁ ଏସବୁର ତଥ୍ୟ ଆଧାରିତ ସତ୍ୟ ରଖିବା ପାଇଁ ବିଜେପି ସବୁବେଳେ ପ୍ରସ୍ତୁତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ସେହିପରି ବିଜେପି ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜେଡି ଏମିତି ମିଛ କହି ଦୋଷ ଲଦିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ତଥ୍ୟ ପ୍ରମାଣ ନଦେଖି ସିଧା ଦୋଷ ଲଦିବା ବିଜେଡର ଅଭ୍ୟାସ ହେଲାଣି । ସମସ୍ତ ପକ୍ଷଙ୍କ ସହ ଆଲୋଚନା କରି କୋଷ୍ଟାଲ ହାଇୱେକୁ ୩୭୦କିମିକୁ ଅଣାଯାଇଥିଲା । ଏବେ କେନ୍ଦ୍ର ସରକାର ତାକୁ ୩୮୨କିମିକୁ ବୃଦ୍ଧି କରିଛନ୍ତି । ତେଣୁ କୋଷ୍ଟାଲ ହାଇୱେର ଦୈର୍ଘ୍ୟ କମିନି ବରଂ ୧୨କିମି ବୃଦ୍ଧି ପାଇଛି ।

## ଘଟଣାର ନିରପେକ୍ଷ ତଦନ୍ତ ଦାବି

# ଦସ୍ତଖତ ମାଗିବା ଯୋଗୁଁ ସାମ୍ବାଦିକଙ୍କୁ ମାଡ

**ବୌଦ୍ଧ(ଏନ୍.ଏମ୍.) :** ସରପଞ୍ଚ ପୁଅଙ୍କ ଗୁଣ୍ଡା ରାଜ । ମା' ସରପଞ୍ଚ, ପୁଅ ଚଳାଉଛି ପଞ୍ଚାୟତ ! ଜନସାଧାରଣ କେତେ ଆଶାରେ ଭୋଟ ଦେଇ ସରପଞ୍ଚ କରିଥିଲେ । ହେଲେ ଏଠାରେ ମା'ଙ୍କ ଆସନରେ ପୁଅର ରାଜ ଚାଲିଛି । ଏପରିକି ପୁଅ ଗୁଣ୍ଡାରାଜ କରିବାକୁ ମଧ୍ୟ ପଛାଉନଥିବା ନେଇ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି । ଏପରିକି କିଏ କୌଣସି କାମ ପାଇଁ ଗୁହାରି କଲେ ମଧ୍ୟ ମାଡ ପାଉଛି । ତ କିଏ ଦସ୍ତଖତ ମାଗିଲେ ମାଡ । ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କୁ କେବେବି ଦେଖା ମିଳେନାହିଁ ।

ନିହାତି ଜରୁରୀ କାମ ପଡ଼ିଲେ ଲୋକେ ଦସ୍ତଖତ ପାଇଁ ସରପଞ୍ଚଙ୍କ ଘରକୁ ଗଲେ ମାଡ ଖାଇବାକୁ ପଡୁଥିବା ଦେଖିବାକୁ ମିଳିଛି । ଏପରିକି ଜଣେ ସାମ୍ବାଦିକ ମଧ୍ୟ ଏଥିରୁ ବର୍ତ୍ତି ନାହାନ୍ତି । ସ୍ୱାଧୀନତାର ୭୩ ବର୍ଷ ପରେ ମଧ୍ୟ ଏଠାରେ ଇଂରେଜ ଶାସନର ନମୂନା ଦେଖିବାକୁ ମିଳିଛି ବୋଲି ଚର୍ଚ୍ଚା ହେଉଛି । ସମ୍ପ୍ରତି ଅନେକ ସମୟରେ ରାଜ୍ୟର ବିଭିନ୍ନ କୋଣ ଅନୁକଣରେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ କୁହାଯାଉଥିବା ସାମ୍ବାଦିକଙ୍କୁ ମାଡ ମାରିବା, ବେଇଜ୍ଜତ ହେବା ଭଳି ଅନେକ ଘଟଣା ଦେଖିବାକୁ ମିଳିଛି । କେଉଁଠି ଦଲାଲ ବା ଦୁର୍ନୀତିଗ୍ରସ୍ତ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି ତ ଆଉ କେତେବେଳେ ମୁନାଫାଖୋର ସରକାରୀ ଅଧିକାରୀଙ୍କ ନାଲି ଆଖି । ଏପରିକି ଗୁଣ୍ଡା ଲଗାଇ ଆକ୍ରମଣ କରାଯିବାର ନଜୀର ମଧ୍ୟ ରହିଛି । ଗୋଟିଏ ପଟେ ସରକାର ଗଣମାଧ୍ୟମ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବାବେଳେ ଅନ୍ୟପଟେ ସରକାର ନିଜର ସ୍ୱାର୍ଥ ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି । ଏପରିକି ଯେଉଁ ଗଣମାଧ୍ୟମ ସଂସ୍ଥା ସରକାରଙ୍କ ଚାଟୁକାର ନହେଲା ତାକୁ ବନ୍ଦ କରିଦେବା ପାଇଁ ମଧ୍ୟ ଷଡ଼ଯନ୍ତ୍ର ଚାଲିଛି । ତେବେ ଏଠାରେ ଜଣେ ସାମ୍ବାଦିକଙ୍କୁ ସରପଞ୍ଚଙ୍କ ପୁଅ ମାଡ଼ ମାରିବା ଘଟଣା ଚର୍ଚ୍ଚା ଜୋର ଧରିଛି । ବୌଦ୍ଧ ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମର ସାମ୍ବାଦିକ ଗୁପ୍ତେଶ୍ୱର ମେହେରଙ୍କୁ ସରପଞ୍ଚଙ୍କ ପୁଅ ମାଡ଼ମାରି ଥିବା ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ସାମ୍ବାଦିକ ଶ୍ରୀ ମେହେର ଓ ତାଙ୍କର ଦୁଇ ଜଣ ସାଥୀ ପପୁଲେସନ ଫର୍ମରେ ଦସ୍ତଖତ କରାଇବା ପାଇଁ ମଥୁରା ସରପଞ୍ଚଙ୍କ ଘର କେଲାକଟାକୁ ଯାଇଥିଲେ । ସରପଞ୍ଚ ଘରେ ନଥିବା ଯୋଗୁ ତାଙ୍କରି ପୁଅ ରାଜେନ୍ଦ୍ର ପ୍ରସାଦ ସିଂ ଫର୍ମଟି ଗ୍ରହଣ କରିଲେଖା ଭୁଲ ଅଛି କହିଲେ । ତେବେ ସାମ୍ବାଦିକ କଣ ଭୁଲ ଅଛି ପଚାରିବାରୁ ସରପଞ୍ଚଙ୍କ ପୁଅ ଉତ୍‌କ୍ଷିପ୍ତ ହୋଇ ସାମ୍ବାଦିକଙ୍କୁ ମାଡ଼ମାରିଥିଲେ । ତାପରେ ସାମ୍ବାଦିକ ଓ ସାଥି ଦୁହେଁ ଜୀବନ ଭୟରେ ପଳାଇ ଆସି ବୌଦ୍ଧ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିବା ଜଣାପଡିଛି । ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାମ୍ବାଦିକମହଲରେ ଦାବି ହେଉଛି । ପୁନଶ୍ଚ ସରକାର ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟର ବହୁ ସାମ୍ବାଦିକ ସଂଘ ପକ୍ଷରୁ ଦାବି କରାଯାଇଛି ।

# ଯୁବ ବିଜେଡ଼ିର ସମାବେଶ

**କୋରାପୁଟ(ଏନ୍.ଏମ୍.) :** କୋରାପୁଟ ଜିଲ୍ଲାରେ ବିଜୁ ଯୁବ ଛାତ୍ର ଜନତା ଦଳର ବିଶାଳ ସମାବେଶରେ ମୁଖ୍ୟଅତିଥି ଭାବେ ଯୁବ ଓ ଛାତ୍ର ମାନଙ୍କର ଆଦର୍ଶ, ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇଛନ୍ତି । ଦାସବର୍ମା କହିଲେ ଯେ, ଆଗାମୀ ଦିନରେ ଯୁବ ଓ ଛାତ୍ର ବିଜୁ ଜନତା ଦଳକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାର ପ୍ରମୁଖ ଦାୟିତ୍ୱ ନିର୍ବାହ କରିବେ ଏବଂ ଏହି ପରିପକ୍ଷରେ ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ସ୍ୱଚ୍ଛଶାସନ କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ଯୁବ ଓ ଛାତ୍ରମାନଙ୍କୁ ଉପଦେଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଲୋକସଭା ସାଂସଦ ରମେଶ ଚନ୍ଦ୍ର ମାଝୀ, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ବ୍ୟାପାର) ପ୍ରଣବ ବଳବନ୍ତରାୟ, ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ, କଟକସଦର ମାନ୍ୟବର ବିଧାୟକଚନ୍ଦ୍ର ସାରଥି ବେହେରା, ଜିଲ୍ଲା ବିଜେଡ଼ି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲ୍ଲା ଯୁବ ସଭାପତି ଆଡମା ରାବା ଓ ଜିଲ୍ଲା ଛାତ୍ର ସଭାପତି ତାପସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଟିଆଇ ପରିଦର୍ଶନ କଲେ ବିହାର ଶ୍ରମ ନିର୍ଦ୍ଦେଶିକା



**କଟକ (ଏନ୍.ଏମ୍.) :** ବିହାର ଶ୍ରମ ଓ ନିଯୁକ୍ତି ବିଭାଗର ବରିଷ୍ଠ ଅଧିକାରୀ ଆଜି କଟକ ସରକାରୀ ଆଇଟିଆଇ ପରିଦର୍ଶନ କରିଛନ୍ତି । ବିହାର ଶ୍ରମ ଓ ନିଯୁକ୍ତି ନିର୍ଦ୍ଦେଶାଳୟ ନିର୍ଦ୍ଦେଶକା ରଞ୍ଜିତାଙ୍କ ସମେତ ୧୧ ଜଣିଆ ପ୍ରତିନିଧି ଦଳ ଏକ ସରକାରୀ ଗ୍ରସ୍ତରେ ସରକାରୀ ଆଇଟିଆଇ, କଟକ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେରେ ବୈଷୟକ ଶିକ୍ଷା ଅନଷ୍ଠାନର ନିର୍ଦ୍ଦେଶକ ରେଘୁ ଜି ଉପସ୍ଥିତ ଥିଲେ । ଗ୍ରସ୍ତ ସମୟରେ ସେ ଆଇଟିଆଇ କଟକରେ ଶିଳ୍ପସଂସ୍ଥା ସହ ଜଡିତ ନବନିର୍ମିତ ଲାବୋରୋଟୋରୀ ଏବଂ ଓ୍ୱର୍କସପ ପରିଦର୍ଶନ କରିଥିଲେ । ପିଲାମାନଙ୍କ ଦ୍ୱାରା ନିର୍ମିତ ଆରଏଫ୍ ମଡେଲ୍ ରୋବଟ୍ କାର୍ ଏବଂ ବ୍ଲୁଟୁଥ୍ ଭଏସ୍ ନିୟନ୍ତ୍ରିତ ରୋବଟ୍ ବୁଲି ଦେଖିଥିଲେ । ଆରଏଫ୍ ମଡେଲ୍ ରୋବଟ୍ କାର ଏନକୋଡର୍ ଏବଂ ଡିକୋଡର୍ ଫର୍ମ ସାହାଯ୍ୟରେ କାମ କରେ । ଏହି ମଡେଲ୍ ଯେ କୌଣସି ବ୍ୟକ୍ତି ୨୦ମିଟର ଦୂରରେ ବସିଥିବା ଏହି ରୋବଟ୍ କାର୍ ଚଳାଇ ପାରିବେ । ବ୍ଲୁଟୁଥ ମଡ୍ୟୁଲ୍ ସାହାଯ୍ୟରେ, ଆର୍ଡିନୋ ୟୁନୋ ରୋବଟ୍ କାର୍ ସବୁ ଦିଗକୁ ଯିବା ପାଇଁ ଭଏସ୍ କମାଣ୍ଡ ଫର୍ମ ମୋବାଇଲ୍ ଫୋନ୍ ଦ୍ୱାରା କରା ଯାଇ ପାରିବ । ଏହି ଅବସରରେ ସ୍କିଲଭେରି, ଭାରତର ସର୍ବ ପ୍ରଥମଏକ୍ସଆର ସ୍କିଲ ସ୍କିଲ ଲ୍ୟାବ ଉଦଘାଟନ କରିଥିଲେ । ସ୍କିଲଭେରି ସ୍କିଲିଂ, ଚେନ୍ନାଇ ଦୁନିଆକୁ ଏକ ଭିନ୍ନ ଦିଗ ଦେଖାଇଛି । ସ୍କିଲଭେରିର ଏକ୍ସଟେଣ୍ଡେଣ୍ଡେ ରିଏଲିଟି-ବେସେଡ ସିମୁଲାଇଜନ ସଫ୍ଟୱେର୍ ପ୍ଲାଟଫର୍ମ ଶ୍ରେଣୀରେ ସର୍ବୋତ୍ତମ । ସାବରିନାଥ ସି ନାୟାରସିଇଓ ସ୍କିଲଭେରି କୁହନ୍ତି, ଏହା ଦକ୍ଷତା ଉଚ୍ଚ ଭିତ୍ତିକ ଅଟେ, ଏହା ବିଶ୍ୱ ବ୍ୟାପି ପ୍ରମାଣିତ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଶ୍ରେଣୀ ଗୃହରେ ଏକ ସମୟରେ ସମସ୍ତ ଛାତ୍ର ଛାତ୍ରୀ ପ୍ରଶିକ୍ଷଣ ନେଇ ପାରିବେ ଏବଂ ଏହା କମ ବ୍ୟୟ ମାଧ୍ୟମରେ ହୋଇ ପାରିବ । ଆଇଟିଆଇ କଟକ ଦ୍ୱାରା ଏହି ପଦକ୍ଷେପ ଭାରତରେ ସର୍ବପ୍ରଥମ । ଅବଶିଷ୍ଟ ଦେଶ ଗ୍ରହଣ କରିବା ପାଇଁ ଏକ ଆଦର୍ଶ । ପ୍ରତ୍ୟେକ ଛାତ୍ରଙ୍କ ପାଇଁ ଗୋଟିଏ ସିମୁଲେଟର । ପୂର୍ବ ମଡେଲଗୁଡିକ ପରି, ଯେଉଁଠାରେ ଜଣେ ଛାତ୍ର ସିମୁଲେଟରରେ କାମ କରୁଥିଲେ ଏବଂ ବାକିମାନେ କେବଳ ଦେଖୁଥିଲେ, କିନ୍ତୁ ଭର୍ଚୁଆଲ୍ ରିଅଲିଟି ଟେକ୍ନୋଲୋଜି ସହିତ ୧୦ ଜଣ ଛାତ୍ରଙ୍କୁ ଏକ ସମୟରେ ତାଲିମ ଦିଆଯାଇପାରିବ ବୋଲି କୁହାଯାଇଛି ।

# ଚୌଦ୍ୱାର ଜେଲରେ ୧୬୨ ଅନ୍ତେବାସୀ ଦେଲେ ପରୀକ୍ଷା




**ଚୌଦ୍ୱାର(ଏନ୍.ଏମ୍.) :** ଚୌଦ୍ୱାର ଜେଲର ୧୬୨ଜଣ ଅନ୍ତେବାସୀ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟ ଅଧିନ ସ୍ନାତକ, ସ୍ନାତକୋତ୍ତର ଓ ଡିପ୍ଲୋମା ପରୀକ୍ଷା ଦେଇଥିବା । ଜେଲ ଭିତରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥବା ଏହି ସାର୍ଟିଫିକେଟ କୋର୍ସ ପରୀକ୍ଷାରେ ଢେଙ୍କାନାଳ ଜେଲର ୪୦ଜଣ, ଚୌଦ୍ୱାର ଜେଲର ୧୦୦ଜଣ ଓ ଅନୁଗୋଳ ଜେଲର ୨୨ ଜଣ ପରୀକ୍ଷାର୍ଥୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଏମ୍ ଏରେ ଜଣେ ମହିଳାଙ୍କୁ ମିଶାଇ ୭ଜଣ, ବିଏରେ ୩୦ଜଣ, ଡିପ୍ଲୋମାରେ ୭ଜଣ ଓ ପିଜି ଡିପ୍ଲୋମାରେ ୬ଜଣ ପରୀକ୍ଷା ଦେଉଛନ୍ତି । ଏହି ପରୀକ୍ଷା ପାଇଁ ଚୌଦ୍ୱାର ଜେଲ ଭିତରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଇଗ୍ନୁର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରୁଛନ୍ତି । ଆସନ୍ତା ମାର୍ଚ୍ଚ ମାସ ୧୩ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ ବୋଲି ଜେଲର ଅବିନାଶ ବେହେରା ସୂଚନା ଦେଇଛନ୍ତି ।

# ସମ୍ବାଦପତ୍ର ବିକ୍ରେତାଙ୍କୁ ପରିଚୟ ପତ୍ର ବଣ୍ଟନ



**କଟକ(ଏନ୍.ଏମ୍.) :** କଟକ ବାଦାମବାଡି ସମ୍ବାଦ ପତ୍ର ବିକ୍ରେତା ସଂଘର ସଦସ୍ୟମାନଙ୍କୁ ଆଜି ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ ଅଣସଂଗଠିତ ଶ୍ରମିକ ଭାବେ ପଞ୍ଜିକୃତ କରାଯାଇଛି । ସଂଘ ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କର ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ସମ୍ବାଦ ପତ୍ର ବିକ୍ରେତା ତଥା ହକରମାନଙ୍କୁ ପଞ୍ଜିକୃତ କରାଯିବା ପରେ ଆଜି ସେମାନଙ୍କୁ ନୁଆପଡାସ୍ଥିତ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟଠାରେ ଶ୍ରମ ଅଧିକାରୀ ବନମାଳୀ ମହାପାତ୍ର ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରିଥିଲେ । ଏହି ହକରମାନେ ଦୀର୍ଘଦିନ ଧରି କାମ କରିଆସୁଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ସୁବିଧା ପାଉନଥିଲେ । ବର୍ତ୍ତମାନ ଏହି ପରିଚୟପତ୍ର ମାଧ୍ୟମରେ ସେମାନେ ଓ ସେମାନଙ୍କର ପରିବାର ବିଭିନ୍ନ ସରକାରୀ ସହାୟତା ପାଇ ପାରିବେ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ସଭାପତି ଶ୍ରୀ ସାହୁ ହକରମାନଙ୍କୁ ସାମଜିକ ସୁରକ୍ଷା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପସଭାପତି ପ୍ରଦୀପ କୁମାର ଜେନା, ସାଧାରଣ ସମ୍ପାଦକ ଆଶିଷ କୁମାର ସ୍ୱାଇଁ, ସହ-ସମ୍ପାଦକ ଅଭୟ କୁମାର ବେହେରା, କୋଷାଧକ୍ଷ ରାଧେଶ୍ୟାମ ଦାସ ସଦସ୍ୟ ସମୀର ରାଉତ, ଆଶୁତୋଷ ସ୍ୱାଇଁ, ଶ୍ୟାମ ସୁନ୍ଦର ସାହୁ, ହୃଷିକେଶ ଗାଣ୍ଡିଆ, ସୁରେନ୍ଦ୍ର ସେଠୀଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ସିଏମସିର ଆଉ ଏକ ଦୁର୍ନୀତି

# ଜୀବିତଙ୍କୁ ମୃତ ଦର୍ଶାଇ ଚାଲିଛି ଆବାସ ଯୋଜନା ଘର

- ବିଭାଗୀୟ ଅଧିକାରୀଙ୍କ ଅନୁଧ୍ୟାନକୁ ନେଇ ପ୍ରଶ୍ନବାଚୀ
- ଏଭଳି ଘଟଣାରେ ର୍ୟାକେଟ ସକ୍ରିୟ !
- ତଦନ୍ତ ଦାବିକଲା ଆମ୍ବେଦକର ସ୍ମୃତିପରିଷଦ

**କଟକ(ଏନ୍.ଏମ୍.) :** କଟକ ମହାନଗର ନିଗମ ଅଞ୍ଚଳରେ ଜଣେ ଜୀବିତ ବ୍ୟକ୍ତିଙ୍କୁ ମୃତ ଦର୍ଶାଇ ତାଙ୍କ ଜମି ହଡପ କରି ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରାଯିବା ଭଳି ସଂଗୀନ ଅଭିଯୋଗ ଆସିଛି । ଏ ଘଟଣା ଜଣାପଡ଼ିବା ପରେ ସିଏମସି ଦୁର୍ନୀତିର ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ତିଆରି କରିବା ପାଇଁ କାର୍ଯ୍ୟାଦେଶ ଦେବା ପୂର୍ବରୁ ସମ୍ପୃକ୍ତ ଓ୍ୱାର୍ଡ଼ର ସିଓ, ଓ୍ୱାର୍ଡ଼ ଅଧିକାରୀ ଓ ବସ୍ତି ଉନ୍ନୟନ ଅଧିକାରୀ ଏହି ଜମି ସଂକ୍ରାନ୍ତରେ ଅନୁସନ୍ଧାନ କରିବାର ନିୟମ ରହିଛି । ମାତ୍ର ସିଏମସିର ଏହି ଅଧିକାରୀ ଓ କର୍ମଚାରୀମାନେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ଯାଇଛନ୍ତି । ସାମାନ୍ୟ ସ୍ୱାର୍ଥ ପାଇଁ ଏଭଳି ସଂଗୀନ ଅନିୟମିତତା କରିବାକୁ ପଛାଇନାହାନ୍ତି । ଏହି ଘଟଣା ଏବେ ସହରରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ।

ସୂଚନା ଅନୁଯାୟୀ, କଟକ ମହାନଗର ନିଗମ ଅନ୍ତର୍ଗତ ୫୬ ନମ୍ବର ଓ୍ୱାର୍ଡ଼ରେ ଏଭଳି ଅନିୟମିତତା ହୋଇଛି । ଉକ୍ତ ଓ୍ୱାର୍ଡ଼ର ଉତ୍ତମାପୁର କାଜିପାଟଣା ସାମଲ ସାହିର ୬୫ ବର୍ଷୀୟ ବୃଦ୍ଧ ମଥୁରୀ ସାମଲ ଏବେ ଜୀବିତ ଅଛନ୍ତି । ସିଏମସିରୁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ନେଉଛନ୍ତି । ମାତ୍ର ତାଙ୍କୁ ମୃତ ଦର୍ଶାଇ ତାଙ୍କ ଜମିକୁ ହଡ଼ପ କରାଯାଇଛି । ଏ ନେଇ ସେ ସିଏମସି କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତାଙ୍କର ଘରବାରି ଜମି ଖତିଆନ ନମ୍ବର ୨୪୭/୯୬୯ ପ୍ଲଟ ନମ୍ବର ୨୧୯ରେ ଶ୍ରୀ ସାମଲ ଅଂଶୀଦାର ଥିଲେ ମଧ୍ୟ ତାଙ୍କୁ ମୃତ ଦର୍ଶାଯାଇଛି । ତାଙ୍କର ନିକଟ ସମ୍ପର୍କୀୟ ସନାତନ ସାମଲ(୪୧)ଙ୍କୁ ଉକ୍ତ ଜମି ଉପରେ ଆବାସଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏପରିକି ତାଙ୍କ ଠାରୁ ଅନୁମତି କିମ୍ବା ସତ୍ୟପାଠ ନିଆଯାଇ ବୋଲି ମଥୁରୀ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ମଥୁରୀ ଜାଣିବା ପରେ ସିଏମସି କମିଶନରଙ୍କ ସମେତ ବସ୍ତିଉନ୍ନୟନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ, ମଥୁରୀ ସାମଲ ଜୀବିତ ଥିଲେ ମଧ୍ୟ ତାଙ୍କୁ ମୃତ ଦର୍ଶାଯାଇଛି । ତାଙ୍କର ମୃତ୍ୟୁ ପ୍ରମାଣପତ୍ର ନଦେଖି ସିଏମସି ଅଧିକାରୀ ତାଙ୍କ ଅନୁଧାନରେ ମୃତବୋଲି ଦର୍ଶାଇଛନ୍ତି । ଅନ୍ୟପକ୍ଷରେ ହିତାଧିକାରୀଙ୍କୁ କୌଣସି ଯୋଜନାରେ ସାମିଲ କରିବା ପୂର୍ବରୁ ସମ୍ପୃକ୍ତ ଓ୍ୱାର୍ଡ଼ର ଦାୟିତ୍ୱରେ ଥିବା ସିଓ ପ୍ରଥମେ ଅନୁଧାନ କରିଥାନ୍ତି । ହେଲେ ଅନୁଧାନ ସମୟରେ ସିଓ ଜୀବିତ ବ୍ୟକ୍ତିଙ୍କୁ କିଭଳି ମୃତ ବୋଲି ଦର୍ଶାଇଲେ ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉକ୍ତ ଜମି ଉପରେ ମଧ୍ୟ ଡିସିପିଙ୍କ କୋର୍ଟରେ ୧୬୮/୨୦୨୧ରେ ମାମଲା କରାଯାଇ ୧୪୪ଜାରି କରାଯାଇଛି । ତଥାପି ସମସ୍ତ ନୀତିନିୟମକୁ ଉଲଘଂନ କରାଯାଇ ସନାତନ ଘର ନିର୍ମାଣ କରିବା ଏବଂ ତାଙ୍କୁ ସିଏମସି ଅଧିକାରୀମାନେ କିସ୍ତିଓ୍ୱାରୀ ଯୋଜନା ଅର୍ଥ ଦେବା ଆଦି ଘଟଣାରେ ଏକ ର୍ୟାକେଟ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି । ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସିଏମସି ଦୁର୍ନୀତିର ଗୁମର ଫିଟିବ । ଏ ସଂକ୍ରାନ୍ତରେ ସିଏମସି ବସ୍ତିଉନ୍ନୟନ ଅଧିକାରୀ ଅମ୍ରିତ ସରକାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, କିଏ ଜୀବିତ କିଏ ମୃତ ତାହା ଜାଣିବା କଷ୍ଟକର । ଅନୁଧାନ ବେଳେ ଯଦି ଘର ଲୋକ ତାଙ୍କୁ ମୃତ ବୋଲି କହିଥିବେ ତାହା ରେକର୍ଡ଼ ଭୁକ୍ତ ହୋଇଥିବ । ଯଦି ଅଭିଯୋଗକାରୀ ଜୀବିତ ଅଛନ୍ତି ଆଉ ସେ ଅଭିଯୋଗ ଆଣୁଛନ୍ତି ଯେ, ତାଙ୍କୁ ମୃତ୍ୟୁ ଦର୍ଶାଯାଇଛି ତେବେ ଏ ନେଇ ତଦନ୍ତ କରାଯିବ । ଆବଶ୍ୟକ ପଡ଼ିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସିଏମସିର ଏଭଳି ଦୁର୍ନୀତିକୁ ନେଇ ଆମ୍ବେଦକର ସ୍ମୃତିପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରିଷଦ ସଭାପତି ତଥା ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ବହୁ ଅଞ୍ଚଳବାସୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହ ଆରଡିସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତେବେ ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ୫-ଟି ସଚିବ, ନଗର ଉନ୍ନୟନ ସଚିବ, କଟକ ମହାନଗର ନିଗମ କମିଶନରଙ୍କ ଅବଗତ ନିମନ୍ତେ ପ୍ରେରଣ କରାଯାଇଛି । ଏହି ବିକ୍ଷୋଭ ସମୟରେ ଆଇନଜୀବୀ ବିଭୁତିଭୂଷଣ ବେହେରା, ବିଷ୍ଣୁପ୍ରସାଦ ମଲ୍ଲିକ, ବିଶ୍ୱନାଥ ଦାସ, ଶିବଚରଣ ଦାସ, ସାରଙ୍ଗ ସାସମଲ, ଟିକିଲି ଦେଉରୀ, ରବୀନ୍ଦ୍ର ସେଠୀ, ଚୈତନ୍ୟ ସାମଲ, ପତିତପାବନ ପ୍ରଧାନ, ଜୁମେଦ ଖାନ ପ୍ରମୁଖ ଉପସ୍ଥିତଥିଲେ ।




# ବିବିସି ପୁରସ୍କାର ଦୌଡ଼ରେ ଦୂତି ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୁଭେଚ୍ଛା



**କଟକ (ଏନ୍.ଏମ୍.):** ଓଡ଼ିଆ ଧାବିକା ଅଲିମ୍ପିଆନ ଦୂତି ଚାନ୍ଦ ଆଉ ଏକ ସମ୍ମାନଜନକ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ୨୦୨୧ ବର୍ଷ ପାଇଁ ବିବିସି ଶ୍ରେଷ୍ଠ ମହିଳା ଭାରତୀୟ କ୍ରୀଡ଼ାବିତ୍ ପୁରସ୍କାର ଦୌଡ଼ରେ ଦୂତି ସାମିଲ ହୋଇଛନ୍ତି। ଉକ୍ତ ପୁରସ୍କାର ଲାଗି ଦୂତିଙ୍କ ସମେତ ୫ଜଣ ଖେଳାଳି- ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ, ସୁଟର ମନୁ ଭାକର, ଚେସ୍ ଖେଳାଳି କୋନେରୁ ହମ୍ପି ଓ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିବା ମଲ୍ଲଯୋଦ୍ଧା ବିନେଶ ଫୋଗତ ପ୍ରମୁଖଙ୍କ ନାମ ସୁପାରିସ କରାଯାଇଛି। ୪୦ ଜଣିଆ ବିଚାରକ କମିଟି ଖେଳାଳିଙ୍କ ନାମ ସୁପାରିଶ କରିଛନ୍ତି। କ୍ରୀଡ଼ାପ୍ରେମୀ ଜନତାଙ୍କ ଭୋଟରେ ମାର୍ଚ୍ଚ ୮ରେ ବିଜେତାଙ୍କ ନାମ ଘୋଷଣା କରାଯିବ। ଫେବୃଆରୀ ୨୪ ପର୍ଯ୍ୟନ୍ତ ପ୍ରଶଂସକମାନେ ସେମାନଙ୍କର ପ୍ରିୟ ଖେଳାଳିଙ୍କ ସପକ୍ଷରେ ଭୋଟ ଦେଇପାରିବେ। ବିବିସି ଶ୍ରେଷ୍ଠ ମହିଳା ଭାରତୀୟ କ୍ରୀଡ଼ାବିତ୍ ପୁରସ୍କାର ଗତବର୍ଷଠାରୁ ପ୍ରଦାନ କରାଯାଉଛି। ଏହି ପୁରସ୍କାର ଦୌଡ଼ରେ ସାମିଲ ହୋଇଥିବାରୁ ଦୂତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇବା ସହିତ ତୁମର ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟ୍ୱିଟର ଜରିଆରେ ଲେଖିଛନ୍ତି- ସମ୍ମାନଜନକ ବିବିସି ଭାରତୀୟ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ପୁରସ୍କାର ଦୌଡ଼ରେ ଓଡ଼ିଶାର ପ୍ରମୁଖ ଧାବିକା ଦୂତି ଚାନ୍ଦ ସାମିଲ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଉଛି। ଏଥିସହ ଏହି ପୁରସ୍କାର ଦୌଡ଼ରେ ଅନ୍ୟ ୪ କ୍ରୀଡ଼ାବିତ୍‌ଙ୍କୁ ମଧ ମୋର ଶୁଭେଚ୍ଛା।

# ଆଇପିଏଲ୍ ଖେଳାଳି ନିଲାମରେ ଶ୍ରୀଶାନ୍ତଙ୍କ ସହ ୧୦୯୭ କ୍ରିକେଟରଙ୍କ ନାମ ପଞ୍ଜୀକରଣ



**ମୁମ୍ବାଇ (ଏଜେନ୍ସି):** ବିସିସିଆଇ ଆନୁକୂଲ୍ୟରେ ଆୟୋଜିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଖେଳାଳି ନିଲାମ ଆସନ୍ତା ୧୮ରେ ଅନୁଷ୍ଠିତ ହେବ। ୨୦୨୧ ସଂସ୍କରଣ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ଏହି ଖେଳାଳି ନିଲାମ ନିମନ୍ତେ ମୋଟ୍ ୧୦୯୭ଜଣ ନାମ ପଞ୍ଜିକରଣ କରିଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୮୧୪ଜଣ ଭାରତୀୟ ଓ ୨୮୩ଜଣ ବିଦେଶୀ କ୍ରିକେଟର ରହିଛନ୍ତି। ଭାରତୀୟ କ୍ରିକେଟ୍ ଦଳ ତରଫରୁ ଖେଳିଥିବା ୨୧ଜଣ କ୍ରିକେଟର ନିଲାମ ନିମନ୍ତେ ନିଜ ନାମ ପଞ୍ଜିକୃତ କରାଇଛନ୍ତି। ଆଇପିଏଲ୍ ଖେଳାଳି ନିଲାମ ନିମନ୍ତେ ନାମ ପଞ୍ଜୀକରଣ ନିମନ୍ତେ ଶେଷ ତାରିଖ ୪ ଥିଲା।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ବରିଷ୍ଠ ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ଓ ଇଂଲଣ୍ଡ ଟେଷ୍ଟ ଦଳର ଅଧିନାୟକ ଜୋ ରୁଟ୍ ଆଇପିଏଲ୍ ଖେଳାଳି ନିଲାମରେ ସାମିଲ ହୋଇ ନାହାନ୍ତି। ଷ୍ଟାର୍କ ଶେଷଥର ପାଇଁ ୨୦୧୫ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ତରଫରୁ ଆଇପିଏଲ୍ ଖେଳିଥିଲେ। ବାରମ୍ବାର ଆଘାତପ୍ରାପ୍ତ ହେବା ସହ ଏକାସଙ୍ଗେ ଅଷ୍ଟ୍ରେଲିଆ ଜାତୀୟ ଦଳ ଓ ଆଇପିଏଲ୍ ଦଳ ତରଫରୁ ମ୍ୟାଚ୍ ଖେଳିବା କଷ୍ଟକର ହେବ ବୋଲି ଅନୁଭବ କରି ଷ୍ଟାର୍କ ଖେଳାଳି ନିଲାମରେ ସାମିଲ ହୋଇନଥିବା ଆଲୋଚନା ହେଉଛି। ସେହିପରି ୨୦୨୦ ଆଇପିଏଲ୍‌ରେ ମୁମ୍ବଇ ଇଣ୍ଡିଆନ୍ସ ତରଫରୁ ଖେଳିଥିବା ଅଷ୍ଟ୍ରେଲିଆ ବୋଲର ଜେମ୍ସ ପାଟିନସନ୍ ମଧ ଖେଳାଳି ନିଲାମରେ ସାମିଲ ହୋଇନାହାନ୍ତି। ଖେଳାଳି ନିଲାମରେ ସାମିଲ ହୋଇଛନ୍ତି ବାଂଲାଦେଶର ତାରକା ଅଲରାଉଣ୍ଡର ସାକିବ୍ ଅଲ୍ ହସନ୍ ଓ ଭାରତୀୟ ଦ୍ରୁତ ବୋଲର ଶ୍ରୀଶାନ୍ତ। ଭିନ୍ନ ଭିନ୍ନ କାରଣ ପାଇଁ କ୍ରିକେଟ୍‌ରୁ ବାସନ୍ଦ ହୋଇଥିଲେ ସାକିବ୍ ଓ ଶ୍ରୀଶାନ୍ତ। ତେବେ ବାସନ୍ଦ ସମୟ ଶେଷ ହେବା ପରେ ଏହି ଦୁଇ କ୍ରିକେଟର ଖେଳାଳି ନିଲାମରେ ସାମିଲ ହୋଇଛନ୍ତି। ସାକିବ୍ ନିଜ ବେସ୍ ପ୍ରାଇସ୍ (ମୂଳ ମୂଲ୍ୟ) ୨ କୋଟି ଟଙ୍କା ରଖିଥିବା ବେଳେ ଶ୍ରୀଶାନ୍ତ ନିଜ ବେସ୍ ପ୍ରାଇସ୍ ୭୫ ଲକ୍ଷ ଟଙ୍କା ରଖିଛନ୍ତି। ୨ କୋଟି ଟଙ୍କା ବେସ୍ ପ୍ରାଇସ୍ ରଖିଥିବା ଅନ୍ୟ ଖେଳାଳିମାନେ ହେଲେ କେଦାର ଯାଦବ, ହରଭଜନ ସିଂହ, ଗ୍ଲେନ୍ ମ୍ୟାକ୍ସୱେଲ୍, ଷ୍ଟିଭେନ୍ ସ୍ମିଥ୍, ମୋଇନ୍ ଅଲ୍ଲି, ସାମ୍ ବିଲିଙ୍ଗ୍ସ, ଲିଆମ୍ ପ୍ଲଙ୍କେଟ୍, ଜାସନ୍ ରୟ, ମାର୍କ ଉଡ୍ ଓ କଲିନ୍ ଇନ୍‌ଗ୍ରାମ୍।

ଟ୍ୱେଣ୍ଟି୨୦ ବ୍ୟାଟିଂ ମାନ୍ୟତାର ଶୀର୍ଷ ସ୍ଥାନରେ ରହିଥିବା ଇଂଲଣ୍ଡର ଡାୱିଡ୍ ମାଲାନ୍, ମୁଜିବ୍‌ଉର ରେହମାନ୍, ଆଲେକ୍ସ କ୍ୟାରି, ନାଥାନ୍ କୌଟର ନାଇଲ୍, ଝାଏ ରିଚାର୍ଡସନ୍, ମିଚେଲ୍ ସ୍ୱାପସନ୍, ଟମ୍ କରନ୍, ଲୁଇସ୍ ଗ୍ରେଗୋରି, ଆଲେକ୍ସ ହେଲ୍ସ, ଆଦାମ୍ ଲିଥ୍, ଆଦିଲ୍ ରସିଦ୍, ଡେଭିଡ୍ ୱିଲି ନିଜ ବେସ୍ ପ୍ରାଇସ୍ ୧.୫ କୋଟି ଟଙ୍କା ରଖିଛନ୍ତି। ଆରୋନ୍ ଫିଞ୍ଚ୍, ଉମେଶ ଯାଦବ, ହନୁମା, ଲାବୁସେନ୍, ସେଲଡନ୍ କଟ୍ରେଲ୍ ପ୍ରମୁଖ ନିଜ ବେସ୍ ପ୍ରାଇସ୍ ୧କୋଟି ଟଙ୍କା ରଖିଛନ୍ତି। ଖେଳାଳି ନିଲାମରେ ୨୮୩ ଜଣ ବିଦେଶୀ ଖେଳାଳି ରହିଛନ୍ତି। ଆଫଗାନିସ୍ତାନର ୩୦, ଅଷ୍ଟ୍ରେଲିଆର ୪୨, ବାଂଲାଦେଶର ୫, ଇଂଲଣ୍ଡର ୨୧, ଆର୍ୟଲାଣ୍ଡର ୨, ନେପାଳ ୮, ନେଦରଲାଣ୍ଡ୍‌ସର ୧, ନ୍ୟୁଜିଲାଣ୍ଡର ୨୯, ସ୍କଟଲାଣ୍ଡର ୭, ଦକ୍ଷିଣ ଆଫ୍ରିକାର ୩୮, ଶ୍ରୀଲଙ୍କାର ୩୧, ୟୁଏଇର ୯, ଆମେରିକାର ୨, ୱେଷ୍ଟଇଣ୍ଡିଜ୍‌ର ୫୬ ଓ ଜିମ୍ବାୱେର ୨ଜଣ କ୍ରିକେଟର ରହିଛନ୍ତି।



ହିନ୍ଦୀ ଚଳଚ୍ଚିତ୍ର ଲିଗରରେ ଦର୍ଶକଙ୍କୁ ଆକର୍ଷଣ କରିବେ ଅଭିନେତ୍ରୀ ଅନନ୍ୟା ପାଣ୍ଡେ




# ଭାରତ ବିପକ୍ଷରେ ଟି-୨୦ ପାଇଁ ଇଂଲଣ୍ଡ ଦଳ ଘୋଷଣା

**ଲଣ୍ଡନ (ଏଜେନ୍ସି):** ଆସନ୍ତା ମାର୍ଚ୍ଚ ୧୨ରୁ ୨୦ ମଧ୍ୟରେ ଘରୋଇ ଭାରତ ବିପକ୍ଷରେ ଇଂଲଣ୍ଡ ଦଳ ୫ଟି ଟ୍ୱେଣ୍ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳିବ। ମାର୍ଚ୍ଚ ୮ରେ ଅହମ୍ମଦାବାଦରେ ଉଭୟ ଦଳଙ୍କ ମଧ୍ୟରେ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ସମାପ୍ତି ପରେ ୫ ମ୍ୟାଚ୍‌ର ଟି-୨୦ ସିରିଜ୍ ଆରମ୍ଭ ହେବ। ପରେ ମାର୍ଚ୍ଚ ୨୩ରୁ ୨୮ ମଧ୍ୟରେ ଉଭୟ ଦଳଙ୍କ ମଧ୍ୟରେ ୩ ମ୍ୟାଚ୍‌ର ଦିନିକିଆ ସିରିଜ୍ ମଧ ଖେଳାଯିବ। ତେବେ ୫ ମ୍ୟାଚ୍‌ର ଟ୍ୱେଣ୍ଟି-୨୦ ସିରିଜ୍ ପାଇଁ ଗୁରୁବାର ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) ଇଂଲଣ୍ଡ ଦଳ ଘୋଷଣା କରିଛନ୍ତି। ପ୍ରଥମ ଟେଷ୍ଟମ୍ୟାଚ୍ ଖେଳି ବିଶ୍ରାମ ପାଇଁ ସ୍ୱଦେଶ ଫେରି ଯାଇଥିବା ୱିକେଟ ରକ୍ଷକ ବ୍ୟାଟ୍‌ସମ୍ୟାନ୍ ଜୋସ୍ ବଟ୍‌ଲର ଟ୍ୱେଣ୍ଟି-୨୦ ସିରିଜ୍ ଖେଳିବା ପାଇଁ ଭାରତ ଫେରିବେ। ଇଓନ୍ ମୋର୍ଗାନ୍ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ମାର୍ଚ୍ଚ ୧୨ରେ ଅହମ୍ମଦାବାଦରେ ପ୍ରଥମ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିବ। ଇଂଲଣ୍ଡର ଟେଷ୍ଟ ଅଧିନାୟକ ଜୋ ରୁଟ୍‌ଙ୍କୁ ଦଳରୁ ବାହାରେ ରଖାଯାଇଛି।

## ଇଂଲଣ୍ଡର ଟ୍ୱେଣ୍ଟି-୨୦ ଦଳ

ଇଓନ୍ ମୋର୍ଗାନ୍ (ଅଧିନାୟକ), ମୋଇନ୍ ଅଲୀ, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ସାମ୍ ବିଲିଙ୍ଗ୍ସ, ଜୋସ୍ ବଟ୍‌ଲର, ସାମ୍ କରନ୍, ଟମ୍ କରନ୍, କ୍ରିସ୍ ଜୋର୍ଡାନ୍, ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍, ଡାୱିଡ୍ ମାଲାନ୍, ଆଦିଲ ରସିଦ୍, ଜେସନ୍ ରୟ, ବେନ୍ ଷ୍ଟୋକ୍ସ, ରିସ୍ ଟପ୍‌ଲି ଓ ମାର୍କ ଉଡ୍।

# ଜାତୀୟ ଜୁନିୟର ଦୌଡ଼କୁଦ ଚମ୍ପିଆନସିପ: ଓଡ଼ିଶାକୁ ୭ ପଦକ




**କଟକ (ଏନ୍.ଏମ୍.):** ଆସାମର ଗୁଆହାଟୀରେ ଚାଲିଥିବା ୩୬ତମ ଜାତୀୟ ଜୁନିୟର ଦୌଡ଼କୁଦ ଚମ୍ପିଆନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ସହ ମୋଟ ୭ଟି ପଦକ ହାସଲ କରିଛନ୍ତି। ଗତ ବୁଧବାର ଅନ୍ତିମ ଦିବସରେ ଓଡ଼ିଶା ପାଇଁ ମଧୁସ୍ମିତା ଦେବ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦ ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ମଧୁସ୍ମିତା ୨୪.୯୦ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ପୂର୍ବରୁ ସବିତା ଟପ୍ପୋ ୧୬ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ଓ ୮୦ ମିଟର ହଡଲ୍‌ସରେ ରୌପ୍ୟ, ୨୦ ବର୍ଷରୁ କମ୍ ବାଳିକା ଲଙ୍ଗଜମ୍ପରେ ମନୀଷା ମେରାଲ ରୌପ୍ୟ, ୧୬ ବର୍ଷରୁ କମ୍ ବାଳକ ୮୦ ମିଟର ହଡଲ୍‌ସରେ ରାଜେନ୍ଦ୍ର ସିନ୍ଧୁ, ୧୪ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍‌ରେ ଓଁକାର ପ୍ରସାଦ ନନ୍ଦ, ୧୪ ବର୍ଷରୁ କମ୍ ବାଳିକା ବଲ୍ ଥ୍ରୋ ଇଭେଣ୍ଟରେ ପ୍ରାଚୀ ପ୍ରିୟଦର୍ଶିନୀ ମହାରଣା ଓ ୨୦ ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ମଧୁସ୍ମିତା ଦେବ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



















Printed and Published by Tapan Kumar Sahoo. Owned by Tapan Kumar Sahoo. Printed at Sakuntala Printers, Bidanasi, Cuttack, Odisha.
Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025(ODISHA). Mob- 8895134289, 9938725879. Email : nishkarsha.media@gmail.com.
Editor : TAPAN KUMAR SAHOO
ସମ୍ପାଦକ: ତପନ କୁମାର ସାହୁ